# ୧୦ କୋଟିର ମ୍ୟୁଜିୟମ୍ ଏବେ ଭୂତକୋଠି

ଯାଜପୁର,୨୯।୮ (ହର୍ଷବର୍ଦ୍ଧନ ବେହେରା):



ରାଜ୍ୟରେ ପର୍ଯ୍ୟଟନର ଭିତ୍ତିଭୂମି ବିକାଶ ଅଧାରେ ଅଟକିଛି । କେତେକାଂଶରେ କାମ ସରିଛି, ହେଲେ ଏଯାଏ କାର୍ଯ୍ୟକାରୀ ହୋଇ ପାରିନାହିଁ। ଏହାବାଦ୍ ନିମ୍ନମାନର କାର୍ଯ୍ୟ ପର୍ଯ୍ୟଟନସ୍ଥଳୀର ଦୀର୍ଘସ୍ଥାୟିତ୍ୱକୁ ନେଇ ସନ୍ଦେହ ସୃଷ୍ଟି କରିଛି । ସେଥିମଧ୍ୟରୁ ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ୧୦ କୋଟି ଟଙ୍କା ଖର୍ଚ୍ଚ କରାଯାଇ ବୈତରଣୀ ନଦୀକୂଳରେ ନିର୍ମାଣ ହୋଇଥିବା ମ୍ୟୁଜିୟମ, ଟୁରିଷ୍ଟ ଅଫିସ ଓ ଟୁରିଷ୍ଟ ଇଣ୍ଟରପ୍ରିଟେଶନ ସେଣ୍ଟର ଏବେ ଭୂତକୋଠି ପାଲଟିଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉ ନ ଥିବାରୁ ଶତାଧିକ ପ୍ରାଚୀନ କୀର୍ତ୍ତିରାଜି ଅବହେଳିତ ହୋଇ ପଡି ରହିଛି। ଯାହାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

୨୦୧୯-୨୦ ରୁ ୨୦୨୩-୨୪ ବର୍ଷରେ ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ପ୍ରାୟ ୯୦ କୋଟି ଟଙ୍କା ଅନୁଦାନ ମିଳିଛି। ୬।୨।୨୦୨୪ରେ ତତ୍କାଳୀନ ବିଧାୟକ ସନ୍ତୋଷ ସିଂହ ସାଲୁଜାଙ୍କ ଏକ ବିଧାନସଭା ପ୍ରଶ୍ନ ଉପରେ ତତ୍କାଳୀନ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଏହା ଦର୍ଶାଇଥିଲେ । ତେବେ ପୂର୍ବରୁ ଏହିସବୁ ପ୍ରକଳ୍ପଗୁଡ଼ିକର ନୈରାଶ୍ୟଜନକ ଅଗ୍ରଗତି ଉପରେ ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ(ଅଡିଟ-୨) ୬।୮।୨୦୨୧ରେ ସ୍ପଷ୍ଟୀକରଣ ମାଗିଥିଲେ। ଏହି ସ୍ପଷ୍ଟୀକରଣ ଉପରେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର ତତ୍କାଳୀନ ଯୁଗ୍ମ ସଚିବ ଇ.ବି. ଜେନା ତାଙ୍କ ପତ୍ରସଂଖ୍ୟା ୬୭୯୦/୯।୮।୨୦୨୧ରେ ଆସିଷ୍ଟାଣ୍ଟ ଅଡିଟ ଅଫିସର(ଏ.ଜି. ଅଡିଟ-୨)ଙ୍କୁ ଦେଇଥିବା ରିପୋର୍ଟରେ ମାତ୍ର ୪ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଇଥିଲେ। ଏଥିରେ ଯାଜପୁର ଜିଲାର ବୈତରଣୀ ନଦୀକୂଳରେ ଥିବା ବରାହପୀଠରେ ହେରିଟେଜ୍ ପାର୍କ ଅଧାପନ୍ତରିଆ ରହିଥିଲେ ହେଁ ରିପୋର୍ଟରେ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଯାଇଥିଲା, ଯାହାକି ଅଞ୍ଚଳବାସୀଙ୍କ ମଧ୍ୟରେ ଭ୍ରମ ସୃଷ୍ଟି ହେବା ସହ ପର୍ଯ୍ୟଟନ ବିଭାଗ ପାଖରେ କୌଣସି ଖବର ନ ଥିଲା। ଏହି ପ୍ରକଳ୍ପ ଏଯାଏ କାର୍ଯ୍ୟକାରୀ ହୋଇ ପାରିନାହିଁ। ପରବର୍ତ୍ତୀ ସମୟରେ ଏହି ମାମଲାକୁ କଳେବଳେ କୌଶଳେ ଦବେଇ ଦିଆଯାଇଥିଲା। ଏହାସହ ବରାହ ଓ ବିରଜା କ୍ଷେତ୍ରର ଭଗବାନ ଶିବଙ୍କ ବଡ଼ ମୂର୍ତ୍ତି ଓ ପ୍ରକଳ୍ପ, ଯାଜପୁର ମା' ବିରଜା ମନ୍ଦିରର ଏକାଧିକ ପ୍ରକଳ୍ପ ଏଯାଏ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଏତେ ବଡ଼ ଅନୁଦାନ କେଉଁଠି, କେମିତି ଖର୍ଚ୍ଚ ହୋଇଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଅନିୟମିତତା ଉପରେ ତଦନ୍ତ ହେବା ଆବଶ୍ୟକ ବୋଲି ଦାବି ହେଉଛି।

ମ୍ୟୁଜିୟମ ଓ ଟୁରିଷ୍ଟ ଅଫିସ ଦୀର୍ଘ ୪ ବର୍ଷ ହେବ ସମ୍ପୂର୍ଣ୍ଣ ହେବା ପରେ ବି ସେଠାରେ ତାଲା ଝୁଲୁଛି। କ୍ଷତ ବିକ୍ଷତ ହୋଇ ପଡି ରହିଥିବା ପ୍ରାଚୀନ ବୌଦ୍ଧ, ଜୈନ, କୀର୍ତ୍ତିରାଜି ସହ ହିନ୍ଦୁ ଦେବୀଦେବାଙ୍କ ମୂର୍ତ୍ତିଗୁଡିକୁ ସଂଗ୍ରହ କରାଯାଇ ସଂରକ୍ଷିତ କରାଯିବର ଏହି ମ୍ୟୁଜିୟମ ନିର୍ମାଣର ଲକ୍ଷ୍ୟ ରହିଥିଲା । ଯାହାଦ୍ୱାରା ଗବେଷକମାନଙ୍କ ଦ୍ୱାରା ମଧ୍ୟ ଗବେଷଣା ହୋଇପାରିବ । କିନ୍ତୁ ବାସ୍ତବତା କ୍ଷେତ୍ରରେ ଏହା ନିର୍ମାଣ ସରିଛି ହେଲେ ପ୍ରଶାସନିକ ଓ ରାଜନୈତିକ ଉଦାସୀନତା ତଥା ଅପାରଗତା କାରଣରୁ ଅନେକ କୋଟି ପାଣିରେ ପଡିପାରେ ବୋଲି ମତପ୍ରକାଶ ପାଇଛି। ଯାଜପୁର ପୁରାତନ ରାଜଧାନୀ ସହ ଐତିହ୍ୟ ସଂସ୍କୃତିର ସହର ଭାବେ ପରିଚିତ। ଅନେକ ଯାଗାରେ ଭଗ୍ନ ମୂର୍ତ୍ତି ସହ ଏପରି କିଛି ଦୁର୍ଲଭ କୀର୍ତ୍ତିରାଜି ରହିଛି ଯାହାକି ଅନ୍ୟ କେଉଁଠାରେ ଦେଖିବାକୁ ମିଳେନି । ୧୮୬୯ ମସିହାରେ ଯାଜପୁର ସନ୍ଥମାଧବ ଗ୍ରାମରୁ ଇଂରେଜ ଅମଳରେ ଉଦ୍ଧାର ହୋଇଥିବା ୧୬ ଫୁଟ ୫ ଇଞ୍ଚ ଲମ୍ବର ଏହି ବିଶାଳକାୟ ବୌଦ୍ଧ ମୂର୍ତ୍ତି ଅବହେଳିତ ହୋଇ ପଡି ରହିଥିବା ଦେଖାଯାଇଛି। ଏହାବାଦ୍ ଅନେକ ଶିଳାଲିପି, ଚାମୁଣ୍ଡା, ଗଣେଶ, ଗରୁଡ଼ ଭଳି ପୁରାତନ ସଂସ୍କୃତି ଭବନ ନିକଟରେ ପଡି ରହିଛି । ଏହିକ୍ରମରେ ପର୍ଯ୍ୟଟନର ବିକାଶ ପାଇଁ ଆସିଥିବା ଏହି ଅନୁଦାନରେ ବ୍ୟାପକ ହେରାଫେରି ହୋଇଥିବା ସନ୍ଦେହ କରାଯାଇଛି। ଅନ୍ୟପକ୍ଷେ ବ୍ୟାସସରୋବର, ରତ୍ନଗିରି, ଉଦୟଗିରି, ଲଳିତଗିରି ଆଦି ପର୍ଯ୍ୟଟନସ୍ଥଳୀର ଉନ୍ନୟନ କାର୍ଯ୍ୟ ଉପରେ ଦୃଷ୍ଟି ଦେଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବରାହପୀଠର ଉନ୍ନତିକରଣ କାର୍ଯ୍ୟରେ ପୁରୁଣା ପାଚେରୀରେ ନୂଆ ନିର୍ମାଣ କରାଯାଇ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଏହି ସବୁ ଅନୁଦାନର ଉପଯୁକ୍ତ ବିନିଯୋଗ କରାଯାଇଥିଲେ ଏ ଯାଏ ଯାଜପୁର ଜିଲାର ସମସ୍ତ ପର୍ଯ୍ୟଟନସ୍ଥଳୀର ସୌନ୍ଦର୍ଯ୍ୟ ବୃଦ୍ଧି ପାଆନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

## ଶିକ୍ଷୟିତ୍ରୀଙ୍କ ମାଡ଼ରେ ଛାତ୍ର ଗୁରୁତର

ସିଂହପୁର,୨୯।୮ (ଅନଙ୍ଗ ଉଦୟ ବେଉରିଆ):

ବିଞ୍ଝାରପୁର ବ୍ଲକ ଅଧୀନ ଉତ୍ତରକୁଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଗୁରୁବାର ଶିକ୍ଷୟିତ୍ରୀଙ୍କ ମାଡ଼ରେ ଜଣେ ଷଷ୍ଠ ଶ୍ରେଣୀର ଛାତ୍ର ଗୁରୁତର ହୋଇଛନ୍ତି। ବିଦ୍ୟାଳୟରେ ଅତିଥି ଶିକ୍ଷୟିତ୍ରୀଭାବେ କାର୍ଯ୍ୟରତ ସଂସ୍କୃତ ଶିକ୍ଷୟିତ୍ରୀ ଛାତ୍ର ଜଣଙ୍କୁ ଅତି ନିର୍ଦ୍ଦୟ ଭାବେ ପିଟିଛନ୍ତି। ଛାତ୍ର ତାଙ୍କ ଘରେ ଜଣାଇବା ପରେ ସନ୍ଧ୍ୟାରେ ପରିବାର ଲୋକେ ତାଙ୍କୁ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଛନ୍ତି। ଏଥିସହିତ ଛାତ୍ରଙ୍କ ପରିବାର ପ୍ରଧାନଶିକ୍ଷକ ଯତିନ କରଙ୍କୁ ଜଣାଇବା ପରେ ସେ ଦୁଃଖ ପ୍ରକାଶ କରିବା ସହ ଘଟଣାର ଅନୁଧ୍ୟାନ କରିବେ ବୋଲି କହିଛନ୍ତି। ଘଟଣା ସମ୍ପର୍କରେ ବିଞ୍ଝାରପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରେ ସେ କହିଛନ୍ତି, ଏହାର ତଦନ୍ତ କରାଯିବ। ଅନ୍ୟପକ୍ଷରେ ଏଭଳି ଘଟଣାକୁ ଅଭିଭାବକ, ବୁଦ୍ଧିଜୀବୀ ନିନ୍ଦା କରିବା ସହ ତୁରନ୍ତ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ବହିଷ୍କାର କରିବାକୁ ଦାବି କରିଛନ୍ତି।

## ଛତିଆ ସ୍ୱାସ୍ଥ୍ୟକେନ୍ଦ୍ର ଅବ୍ୟବସ୍ଥାକୁ ନେଇ ବିକ୍ଷୋଭ




ଛତିଆ,୨୯।୮ (ସୌମ୍ୟ ରଞ୍ଜନ ସାହୁ):

ବଡ଼ଚଣା ବ୍ଲକ ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ କଡ଼ରେ ଥିବା ଛତିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ଦିନକୁ ଦିନ ବିଗିଡିବାରେ ଲାଗିଛି। ଯାହାକୁ ନେଇ ଗୁରୁବାର ସ୍ଥାନୀୟ ଅଞ୍ଚଳରେ ଯୁବକମାନେ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଛତିଆ ସ୍ୱାସ୍ଥ୍ୟକେନ୍ଦ୍ର ବଞ୍ଚାଅ ଅଭିଯାନ ମାଧ୍ୟମରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀ ଅଭାବ ସାଙ୍ଗକୁ ଡାକ୍ତରଙ୍କ ଅନୁପସ୍ଥିତ ଯୋଗୁ ରୋଗୀଙ୍କୁ ଠିକ୍‌ରେ ସେବା ମିଳୁନାହିଁ ବୋଲି ଅଭିଯୋଗ ହୋଇଆସୁଛି। ଏପରିକି ଡାକ୍ତର ବଦଳରେ ରୋଗୀଙ୍କୁ ସଫେଇ କର୍ମଚାରୀ ଚିକିତ୍ସା କରୁଥିବା ସୂଚନା ମିଳିଛି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆଖପାଖ ଅଞ୍ଚଳର ହଜାର ହଜାର ଜନସାଧାରଣ ନିର୍ଭର କରିଥାନ୍ତି। ମାତ୍ର ଠିକ୍ ସେବା ମିଳୁ ନଥିବାରୁ ସେମାନେ ଘରୋଇ ଡାକ୍ତରଖାନା ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଅନ୍ୟପକ୍ଷରେ କାର୍ଯ୍ୟରତ ଡାକ୍ତରଙ୍କ ବ୍ୟବହାରରେ ମଧ୍ୟ ସାଧାରଣ ଜନତା ଅତିଷ୍ଠ ହେଉଛନ୍ତି। ତୁରନ୍ତ ଛତିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ଘଣ୍ଟିଆ ଉନ୍ନତମାନର ଚିକିତ୍ସା ସେବା ପ୍ରଦାନ କରିବା ପାଇଁ ବିକ୍ଷୋଭ ମାଧ୍ୟମରେ ନିବେଦନ କରାଯାଇଛି।

## ବ୍ୟାସ ପ୍ରିଣ୍ଟ ମିଡିଆ ସଂଘର କର୍ମକର୍ତ୍ତା ନିର୍ବାଚନ



ବୈଠକରେ ଯୋଗଦେଇଥିବା ବ୍ୟାସ ପ୍ରିଣ୍ଟ ମିଡିଆ ସଂଘର କର୍ମକର୍ତ୍ତା।

ଯାଜପୁରରୋଡ୍,୨୯।୮ (ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ସହରର ସାମ୍ବାଦିକ ସଂଘ ବ୍ୟାସ ପ୍ରିଣ୍ଟ ମିଡିଆର ସାଙ୍ଗଠନିକ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ଉମାପଦାସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନୂତନ ସଭାପତି ଭାବେ ଶରତ ପଥାଳ ଏବଂ ସାଧାରଣ ସମ୍ପାଦକ ଚିନ୍ତାମଣି ପାଢ଼ୀ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। ସେହିପରି ଦେବେନ୍ଦ୍ର କୁମାର ନାୟକ କୋଷାଧ୍ୟକ୍ଷ, ଉପସଭାପତି ଭାବେ ପ୍ରଦ୍ୟୁମ୍ନ ବୋଇତେଇ, ଯଜ୍ଞଦତ୍ତ ତ୍ରିପାଠୀ, ସଂଗଠନ ସମ୍ପାଦକ ଉମାକାନ୍ତ ରାଉତ, ଭରତ ରାଉତ ଓ କୈଳାଶ ରାଉତ ସହସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଉପଦେଷ୍ଟା ମଣ୍ଡଳୀରେ ସାମ୍ବାଦିକ ହାରାଧନ ବାନାର୍ଜୀ, ବାବୁରାମ ଜେନା, ଉଦୟନାଥ ଖଣ୍ଡାଇ ରହିଥିବାବେଳେ କାର୍ଯ୍ୟକାରୀ କମିଟି ସଦସ୍ୟଭାବେ ବିଜୟ କୁମାର ସାହୁ, ପବିତ୍ର ରଞ୍ଜନ ମହାନ୍ତି, ସୁଦୀପ କୁମାର ମିଶ୍ର, ଦୁଷ୍ମନ୍ତ କୁମାର ରାଉତ, ଜ୍ଞାନରଞ୍ଜନ ରାଉତ, ପ୍ରଶାନ୍ତ କୁମାର ପାତ୍ର ଓ ବିଶ୍ୱରଞ୍ଜନ ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ଉପଦେଷ୍ଟା ହାରାଧନ ବାନାର୍ଜୀ ନିର୍ବାଚନ ଅଧିକାରୀଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ସଂଘର ବାର୍ଷିକ ଉତ୍ସବ ସହ ଚାରାରୋପଣ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଜୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ବସ ଯାତ୍ରାବେଳେ ଚାଲିଗଲା ଜୀବନ

**ଏମିତି ବି ଆସେ ମୃତ୍ୟୁ**

ଚଣ୍ଡିଖୋଲ,୨୯।୮ (ପ୍ରଦୀପ୍ତ କୁମାର ପୃଷ୍ଟି):

ଏମିତି ବି ଆସେ ମୃତ୍ୟୁ। ଜଣେ ବ୍ୟକ୍ତି ବସରେ ଯାତ୍ରା କରୁଥିବାବେଳେ ଗୁରୁବାର ହଠାତ ଟଳି ପଡ଼ିଛନ୍ତି। ଏହି ଘଟଣା ଯାଜପୁର ଜିଲାର ବଡ଼ଚଣା ଅଞ୍ଚଳରେ ଦେଖିବାକୁ ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ, କଟକରୁ ଯାଜପୁର ଜିଲାର ସିଂହପୁର ଅଞ୍ଚଳକୁ ଏକ ଘରୋଇ ବସରେ ଆସୁଥିଲେ ଦଶରଥପୁର ବ୍ଲକ ଅନ୍ତର୍ଗତ ଆରୁହା ବଉଳଙ୍ଗ ଗ୍ରାମର ଦିନମଣି ସାମଲ(୬୨)। ସେ ଭୁବନେଶ୍ୱରରେ ରୁହନ୍ତି। ଭୁବନେଶ୍ୱରରୁ କଟକ ଆସିଥିଲେ। ପରେ କଟକରୁ ସିଂହପୁର ଘରକୁ ଫେରୁଥିଲେ। ବସରେ ଯାତ୍ରା କରୁଥିବା ସମୟରେ ଶରୀର ଅସୁସ୍ଥ ଲାଗିବାରୁ ବସରେ ଶୋଇ ପଡ଼ିଥିଲେ। ପରେ ତାଙ୍କର ବାନ୍ତି ହୋଇଥିଲା। ବସ୍ ୧୬ନଂ. ଜାତୀୟ ରାଜପଥ ଦେଇ ଆସୁଥିବା ସମୟରେ ଛତିଆ ନିକଟରେ କଣ୍ଡକ୍ଟର ପଇସା ମାଗିବାରୁ ଦିନମଣି ଆଉ ଉଠି ନ ଥିଲେ। ଏହାପରେ ବସ ଡ୍ରାଇଭର ଓ କର୍ମଚାରୀ ତାଙ୍କୁ ବଡ଼ଚଣା ଥାନାକୁ ନେଇଥିଲେ। ପୋଲିସ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦିନମଣିଙ୍କ ପୁଅ ବଡ଼ଚଣା ଥାନାରେ ପହଞ୍ଚି ବସ କର୍ମଚାରୀଙ୍କ ଅବହେଳା ପାଇଁ ବାପାଙ୍କ ଜୀବନ ଯାଇଥିବା ଅଭିଯୋଗ କରିଛନ୍ତି। ପୋଲିସ ବସ୍‌କୁ ଜବତ କରି ତଦନ୍ତ ଚଳାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଗଛ ଲଗାଇଲେ, ଶପଥ ନେଲେ



ଏଜେପିଏଲର ଅଧିକାରୀ ଓ କର୍ମଚାରୀ ଶପଥପାଠ କରୁଛନ୍ତି ।

ଚଣ୍ଡିଖୋଲ,୨୯।୮ (ପ୍ରଦୀପ୍ତ କୁମାର ପୃଷ୍ଟି):

ଯାଜପୁର ଜିଲା ୫୩ନଂ. ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନାନପୁରଠାରେ ଗୁରୁବାର ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ରାଜପଥ କାର୍ଯ୍ୟ କରୁଥିବା ଏଜେପିଏଲ ପକ୍ଷରୁ ସଞ୍ଜୟ କୁମାର ସାମଲ ଓ ତପନ ତ୍ରିପାଠୀଙ୍କ ସଂଯୋଜନାରେ ଚାରାରୋପଣ ସହ ଶପଥପାଠ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣର ମୁଖ୍ୟଯନ୍ତ୍ରୀ ବିଶ୍ୱଜିତ ମହାନ୍ତ, ମୁଖ୍ୟବକ୍ତା ଭାବେ ଅଧୀକ୍ଷଣ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରକଳ୍ପ ପରିଚାଳକ ଜି. ଶଙ୍କର ଅପା, ଜାତୀୟ ରାଜପଥ ପ୍ରକଳ୍ପ ପରିଚାଳକ ଜି. ମାଲିକର୍ଯ୍ୟୁନା ରାଓ, ଇଂ. ଅମିତ କୁମାର ରାଉତ, ସାମାଜିକ କର୍ମୀ ଅମୀୟ କୁମାର ସାହାଣୀ ପ୍ରମୁଖ ଯୋଗଦେଇଥିଲେ। ସୁରକ୍ଷା ବିଭାଗର ମୁଖ୍ୟ ତପନ କୁମାର ସେଠୀ ଓ ମନୋଜ କୁମାର ଗୋଚ୍ଛାୟତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା

ଯାଜପୁର ଟାଉନ,୨୯।୮
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଅଧାପଢ଼ା ଅବସ୍ଥାରେ ଅନେକ ଛାତ୍ରୀଛାତ୍ର ବିଦ୍ୟାଳୟ ପରିତ୍ୟାଗ କରୁଥିବା ଘଟଣା ବର୍ତ୍ତମାନ ଏକ ସମସ୍ୟା ହୋଇଛି। ପୁନଃ ସେହି ଛାତ୍ରୀଛାତ୍ର କିପରି ବିଦ୍ୟାଳୟକୁ ଫେରି ସେମାନଙ୍କ ପାଇଁ ଧାର୍ଯ୍ୟ ଶିକ୍ଷା ସମାପ୍ତ କରିବେ ସେ ନେଇ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଜ୍ୟୋତିର୍ମୟୀ ଦାସଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି।

ସହର ଉପକଣ୍ଠ ଉପେନ୍ଦ୍ର କୁମାର ଉଚ୍ଚବିଦ୍ୟାଳୟଠାରେ ଅନୁଷ୍ଠିତ ସଭାରେ ଅତିଥି ଆଲୋଚକ ଭାବେ ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ପ୍ରାକ୍ତନ ପ୍ରାଧିକରଣ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ. ରୁଦ୍ରନାରାୟଣ ପୃଷ୍ଟି ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର ପାଠପଢ଼ା ଅଧାରୁ ଛାଡ଼ିଲେ ପରବର୍ତ୍ତୀ ସମୟରେ ସେମାନେ କିପରି ମାନସିକ ଉଦାସୀନ ରୁହନ୍ତି ସେ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣର କର୍ମଚାରୀ, ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ମାନିନୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନର କୋଷାଧ୍ୟକ୍ଷ ହେଲେ ସୁଦର୍ଶନ

ଚଣ୍ଡିଖୋଲ,୨୯।୮ (ପ୍ରଦୀପ୍ତ କୁମାର ପୃଷ୍ଟି):

ଚଣ୍ଡିଖୋଲ କୋର୍ଟବାର ଆସୋସିଏଶନର ପୂର୍ବତନ କୋଷାଧ୍ୟକ୍ଷଙ୍କ ଅକାଳ ବିୟୋଗ ପରେ ଗୁରୁବାର ଏହି ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଛି। ଏଥିରେ ଆଇନଜୀବୀ ସୁଦର୍ଶନ ଘଡ଼େଇ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀଭାବେ ପୁରୁଷୋତ୍ତମ ନାୟକ ଯୋଗଦେଇ ସୁଦର୍ଶନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ସୁଦର୍ଶନ ନିର୍ବାଚିତ ହେବାପରେ ବାର ଆସୋସିଏଶନ ସଭାପତି ଦେବରାଜ ବେହେରା, ସମ୍ପାଦକ ପ୍ରକାଶ ଦାସ, ପୂର୍ବତନ ସଭାପତି ଶରତ ଷଡ଼ଙ୍ଗୀ, ପ୍ରତାପ କୁମାର ଦାସ, ଜନ ବେହେରା, ଶ୍ରୀକାନ୍ତ କୁମାର ବଳ, ସିରିଶ କୁମାର ସାମଲ, ବୀରେନ ବିଶ୍ୱାଳ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଭାଜପା ପକ୍ଷରୁ ନୂତନ ସଦସ୍ୟତା ଅଭିଯାନ କର୍ମଶାଳା

ପ୍ରୀତିପୁର,୨୯।୮ (ସୁଶାନ୍ତ ବେହୁରିଆ):

ବିଞ୍ଝାରପୁର ଭାଜପା ପକ୍ଷରୁ ୨୭ନଂ. ଜୋନର ମଣ୍ଡଳସ୍ତରୀୟ ନୂତନ ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସୁଶାନ୍ତ ସାମଲଙ୍କ ଅଧ୍ୟକ୍ଷତାରେ ମା' ମଙ୍ଗଳାଚଣ୍ଡୀ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ କର୍ମଶାଳାରେ ଭାଜପା ନେତ୍ରୀ ବବିତା ମଲିକ, ନିରଞ୍ଜନ ବେଉରିଆ, ଭୁବନାନନ୍ଦ ସାମଲ, ଜ୍ୟୋତିରଞ୍ଜନ ନାୟକ, ଅଟଳ ବିହାରୀ ନାୟକ ଓ ପ୍ରେମଲତା ଜେନା ପ୍ରମୁଖ ଯୋଗଦେଇ ସଦସ୍ୟତା ଅଭିଯାନରେ ସାମିଲ ହେବାପାଇଁ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ। ସେପ୍ଟେମ୍ବର ୧ରୁ ଆରମ୍ଭ ହେଉଥିବା ଅଭିଯାନରେ ବିଞ୍ଝାରପୁର ନିର୍ବାଚନମଣ୍ଡଳୀରେ ଏକ ଲକ୍ଷ ନୂତନ ସଦସ୍ୟ ସୃଷ୍ଟି କରିବା ସହିତ ଭାଜପା ସବୁସ୍ତରର ଲୋକଙ୍କ ପାଖରେ ପହଞ୍ଚିବ ବୋଲି ନେତ୍ରୀ ବବିତା କହିଥିଲେ।

## ଅଧାରେ ଅଟକିଲା ଗାଁ ସୀମା ନିର୍ଦ୍ଧାରଣ ମାପଚୁପ

**୨ ଗାଁର ପୁରୁଣା ଜମି ବିବାଦ**

ରସୁଲପୁର,୨୯।୮ (ରଂଜିତ ରାଉତ):

ରସୁଲପୁର ତହସିଲ ପହଁଗା ରାଜସ୍ୱ ସର୍କଲ ଅଧୀନ ଶ୍ରୀବନ୍ତପୁର ପଞ୍ଚାୟତର ବାଲାଙ୍ଗୀ ଓ ବାଉଁଶ ଅଣ୍ଡା ଗାଁ ମଧ୍ୟରେ ଜମି ବିବାଦ ବହୁ ପୁରୁଣା। ଦୁଇ ଗାଁର ସୀମାକୁ ଲାଗି ରହିଥିବା ସରକାରୀ ଜମିକୁ ନେଇ ଦୀର୍ଘବର୍ଷ ଧରି ଟଣାଓଟରା ଲାଗି ରହିଆସୁଛି। ଉକ୍ତ ବିବାଦୀୟ ସ୍ଥିତିର ସ୍ଥାୟୀ ସମାଧାନ ପାଇଁ ତହସିଲ ପ୍ରଶାସନ ପକ୍ଷରୁ ପ୍ରୟାସ କରାଯାଇଛି। ସୀମାବର୍ତ୍ତୀ ଅଞ୍ଚଳରେ ଥିବା ଜମି ମାପଚୁପ୍ କରାଯାଇ ଉଭୟ ଗାଁର ସୀମା ନିର୍ଦ୍ଧାରଣ ପାଇଁ ବୁଧବାରକୁ ଧାର୍ଯ୍ୟ କରାଯାଇଥିଲା। ମାତ୍ର ବର୍ଷା ଯୋଗୁ ମାପଚୁପ୍ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ମାପଚୁପ୍ କାର୍ଯ୍ୟ ଶେଷ ପାଇଁ ତହସିଲ ପକ୍ଷରୁ ଆଉ ଏକ ଦିନ ଧାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ସୀମା ନିର୍ଦ୍ଧାରଣ ପରେ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ପାଚେରି ନିର୍ମାଣ କରିବାକୁ ଉଭୟ ଗାଁ ଲୋକେ ଦାବି କରୁଛନ୍ତି। ମାତ୍ର ବିବାଦୀୟ ଜମି ସରକାରଙ୍କ ହୋଇଥିବାରୁ ପାଚେରି ନିର୍ମାଣ ହୋଇ ପାରିବ କି ନାହିଁ ସେ ନିଷ୍ପତ୍ତି ହୋଇନାହିଁ ବୋଲି ତହସିଲ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



ଗାଁ ସୀମା ନିର୍ଦ୍ଧାରଣ ପାଇଁ ବସିଥିବା ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଗ୍ରାମବାସୀ ।

ସରକାରୀ ଜମିକୁ ନେଇ ଦୁଇ ଗାଁ ମଧ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଆସୁଛି। ସୀମାନ୍ତବର୍ତ୍ତୀ ସରକାରୀ ଜମିକୁ ବ୍ୟବହାର ନେଇ ଉଭୟ ଗାଁ ମଧ୍ୟରେ ଟଣାଓଟରା ପରିସ୍ଥିତି ଦେଖାଯାଉଛି। ଏହାକୁ ନେଇ ବିଭିନ୍ନ ସମୟରେ ଦୁଇ ଗାଁ ମଧ୍ୟରେ ଅଶାନ୍ତ ବାତାବରଣ ସୃଷ୍ଟି ହେବା ସହ ମାମଲା ଥାନା, ତହସିଲ, ବ୍ଲକ କାର୍ଯ୍ୟାଳୟରେ ପହଁଚି ଆସୁଛି। ଏହି ସମସ୍ୟା ଏକ ସ୍ଥାୟୀ ବିବାଦରେ ପରିଣତ ହୋଇଆସୁଥିବା ବେଳେ ଏହାର ଆଶୁ ପ୍ରତିକାର ଓ ସ୍ଥାୟୀ ସମାଧାନ ପାଇଁ ତହସିଲ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ପୋଲିସ, ତହସିଲ ପ୍ରଶାସନ, ଜନପ୍ରତିନିଧି, ଗାଁ ମୁରବୀମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟିକୁ ନେଇ ଆୟୋଜିତ ବୈଠକରେ ଜମିଜମା ବିବାଦକୁ ମାପଚୁପ୍ ଓ ସୀମା ନିର୍ଦ୍ଧାରଣ ଜରିଆରେ ସମାଧାନ କରାଯିବ ବୋଲି ସ୍ଥିର କରାଯାଇଥିଲା। ତହସିଲ ପକ୍ଷରୁ ରାଜସ୍ୱ ସୁପରଭାଇଜର ମନୋରଞ୍ଜନ ଦାଶ, ରାଜସ୍ୱ ନିରୀକ୍ଷକ ଦେବପ୍ରସାଦ ମାହନ୍ତ, ମୋନାଲିସ ସାହୁ, କୁଆଖିଆ ଥାନା ଏସ୍‌ଆଇ ହେମଲତା ଦାସ, ଦୁଷ୍ମନ୍ତ ଦାସ, ଅମିନ ତପନ କୁମାର ମହାନ୍ତି ଓ ଆୟସମିତା ସେନାପତିଙ୍କ ସମେତ ଗାଁ ଲୋକଙ୍କ ଉପସ୍ଥିତିରେ ଜମି ମାପଚୁପ୍ ଆରମ୍ଭ ହୋଇଥିଲା।

## ଧାର୍ଯ୍ୟ ସମୟରେ ମିଳୁନି ଜମିପଟ୍ଟା, ବିବିଧ ପ୍ରମାଣପତ୍ର

**ବରୀ ତହସିଲ କାର୍ଯ୍ୟାଳୟ**

■ ଲୋକଙ୍କ ମଧ୍ୟରେ ବଢ଼ୁଛି ଅସନ୍ତୋଷ

ବରୀ,୨୯।୮ (ମହେନ୍ଦ୍ର ସ୍ୱାଇଁ):




ବରୀ ତହସିଲ କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟରେ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ଏଠାରେ ଜମିପଟ୍ଟା ଓ ବିବିଧ ପ୍ରମାଣପତ୍ର ଯଥା ; ଜାତିଗତ, ବାସସ୍ଥାନ ଓ ଆୟ ପ୍ରମାଣ ପତ୍ର ଧାର୍ଯ୍ୟ ସମୟରେ ଯୋଗାଇ ଦିଆଯାଉନାହିଁ। ଏଥିରେ ଜାଣିଶୁଣି ବିଳମ୍ବ କରାଯାଉଛି। ଫଳରେ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଆର୍‌ପି କେଶ ମଧ୍ୟ ଠିକ୍ ସମୟରେ ସମାଧାନ କରାଯାଉନାହିଁ।

ନିୟମ ମୁତାବକ ଜଣେ ବ୍ୟକ୍ତି ଜମି କ୍ରୟ କଲେ ଏକ ମାସ ମଧ୍ୟରେ ମ୍ୟୁଟେଶନ କରାଯାଇ ତାଙ୍କୁ ପଟ୍ଟା ଯୋଗାଇ ଦିଆଯିବା କଥା। କିନ୍ତୁ ଏଠାରେ ଫେବୃୟାରୀ ମାସର ମ୍ୟୁଟେଶନ କାର୍ଯ୍ୟ ବର୍ତ୍ତମାନ କରାଯାଉଛି ବୋଲି ଦାୟିତ୍ୱରେ ଥିବା କର୍ମଚାରୀ ପ୍ରକାଶ କରିଛନ୍ତି। ଏତଦ୍‌ବ୍ୟତୀତ ଦୀର୍ଘଦିନ ଧରି ଆରପି କେଶର ସମାଧାନ ନିମନ୍ତେ ବିଭିନ୍ନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରୁ ଆସୁଥିବା ରିପୋର୍ଟ ଚାପି ଦିଆଯାଉଛି। ଫଳରେ ଆବେଦନକାରୀ ତହସିଲ କାର୍ଯ୍ୟାଳୟକୁ ଦୌଡ଼ିଦୌଡ଼ି ନିରାଶ ହେଉଛନ୍ତି। ତହସିଲ ଅଧୀନ ଅଙ୍ଗାଳୋ, ମଧୁସୂଦନପୁର, ରତଳାଙ୍ଗ ଆଦି ପଞ୍ଚାୟତର ବହୁ ବ୍ୟକ୍ତି ଡଙ୍ଗା ପାର ହୋଇ ବିଭିନ୍ନ ପ୍ରମାଣପତ୍ର ପାଇଁ ତହସିଲ କାର୍ଯ୍ୟାଳୟକୁ ଆସି ନିରାଶ ହୋଇ ଫେରୁଛନ୍ତି। କର୍ମଚାରୀମାନେ ଅନୁପସ୍ଥିତ ଥିବାରୁ ସେମାନେ ଫେରିବା ସହିତ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ତହସିଲର କାର୍ଯ୍ୟରତ ଜଣେ କର୍ମଚାରୀ କାର୍ଯ୍ୟାଳୟର ସବୁକ୍ଷମତାକୁ ନିଜ ଅକ୍ତିଆରରେ ରଖିଛନ୍ତି। ସେ ନିୟମ ଉଲ୍ଲଙ୍ଘନ କରିବା ସହ ବ୍ୟାପକ ଲାଞ୍ଚ ନେଉଥିବାରୁ ଏଠାରେ ଠିକରେ କାର୍ଯ୍ୟ ହୋଉପାରୁନାହିଁ ବୋଲି କେତେଜଣ ରାଜସ୍ୱ ନିରୀକ୍ଷକ ନିଜ ନାମଗୋପନ ରଖି ପ୍ରକାଶ କରିଛନ୍ତି। ତେଣୁ ତହସିଲ କାର୍ଯ୍ୟାଳୟରେ ଲାଗି ରହିଥିବା ନାନା ଅବ୍ୟବସ୍ଥାର ତୁରନ୍ତ ସମାଧାନ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ତହସିଲଦାର ସାଇଶ୍ରୀ ଲୋକନାଥ ସେଠୀଙ୍କୁ ପଚାରିବାରେ ସେ କହିଛନ୍ତି, କର୍ମଚାରୀ ଅଭାବ ଯୋଗୁ କାର୍ଯ୍ୟ ବିଳମ୍ବ ହେଉଛି। ଏନେଇ ଜିଲାସ୍ତରୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଖୁବ୍‌ଶୀଘ୍ର ଲୋକଙ୍କ ଅଭିଯୋଗର ସମାଧାନ କରାଯିବ।

# ବ୍ୟାଙ୍କ ପକ୍ଷରୁ ୨ ଜଣିଆ ଟିମ୍‌ର ତଦନ୍ତ

ରାଜକନିକା,୨୯।୮ (ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ ବରୁଣା କୃଷି ସମବାୟ ସମିତିରେ ଚାଷୀଙ୍କ ଅଜାଣତରେ ବ୍ୟାଙ୍କରୁ ଋଣ ଟଙ୍କା ଉଠାଯିବା ଘଟଣାରେ ଛନ୍ଦି ହୋଇ ବିବାଦ ଘେରକୁ ଆସିଥିଲେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ଶାଖା ପରିଚାଳକ ସଞ୍ଜୟ କୁମାର ମହାପାତ୍ର। ବୁଧବାର ତାଙ୍କର ବଦଳି ହୋଇଯାଇଛି। ଏହାକୁ ନେଇ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ମୁଖ୍ୟ ଶାଖା ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ଗୁରୁବାର ୨ ଜଣିଆ ତଦନ୍ତକାରୀ ଟିମ୍‌ଙ୍କ ପକ୍ଷରୁ ମାର୍ଶାଘାଇ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ଶାଖା ପରିଚାଳକ ଦୁର୍ଗାମାଧବ ନନ୍ଦ ଓ ମହାକାଳପଡ଼ା କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ଶାଖା ପରିଚାଳକ ଅକ୍ଷୟ କୁମାର ଦାସ ରାଜକନିକା ଶାଖାରେ ପହଞ୍ଚି ୭ ଘଣ୍ଟା କାଳ ତଦନ୍ତ ପୂର୍ବକ କାଗଜପତ୍ର ଯାଞ୍ଚ କରିଥିଲେ। ତଦନ୍ତ ଖବରପାଇ ଏତଲା କରିଥିବା ଚାଷୀମାନେ ମଧ୍ୟ ବ୍ୟାଙ୍କ ଶାଖାରେ ପହଞ୍ଚି ଅଧିକାରୀଙ୍କୁ ଭେଟିଥିଲେ। ଏହି ତଦନ୍ତ ସମୟରେ ପେଗରପଡ଼ା ସମିତି ସଭ୍ୟ ପ୍ରବେଶନ ମଲିକ, ଚାଷୀ ସୂର୍ଯ୍ୟମଣୀ ସାହୁ ଓ ଅରବିନ୍ଦ ମଥାନ ଉପସ୍ଥିତ ରହି ବିଭିନ୍ନ ଦିଗରେ ତଦନ୍ତ କରି ଅଧିକାରୀଙ୍କୁ ପ୍ରଶ୍ନ ମଧ୍ୟ କରିଥିଲେ।

ସୂଚନାଯୋଗ୍ୟ, ବରୁଣା ପାଣ୍ଡର ପାଡୁଲିଗାଁ ଚାଷୀ ଧରଣୀଧର ନାୟକଙ୍କ ନାମରେ ୧ ଲକ୍ଷ ୫୯ ହଜାର ଟଙ୍କା କୃଷି ଋଣ ମଞ୍ଜୁର ହୋଇଥିଲା। ହେଲେ ତାଙ୍କ ଅଜାଣତରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ରାଜକନିକା ଶାଖାରେ ଥିବା ଆକାଉଣ୍ଟରୁ ୧ ଲକ୍ଷ ୫୮ ହଜାର ଟଙ୍କା ଉଠି ଯାଇଥିଲା। ଏ ନେଇ କୃଷି ସମବାୟ ସମିତିର ସମ୍ପାଦକ ଅସିତ କୁମାର ବେହୁରିଆ ଓ ରାଜକନିକା ଶାଖା ପରିଚାଳକ ସଞ୍ଜୟ କୁମାର ମହାପାତ୍ରଙ୍କ ନାମରେ ଗତ ୩ ତାରିଖରେ ରାଜକନିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ସେହି କୃଷି ସମବାୟ ସମିତିରେ ଦୁର୍ନୀତିର ଗୁମର ଧୀରେ ଧୀରେ ଖୋଲିଥିଲା।


ବ୍ୟାଙ୍କରେ ୨ ଅଧିକାରୀ ପହଞ୍ଚି ଟଙ୍କା ହଡପର ତଦନ୍ତ କରୁଛନ୍ତି।

**ବରୁଣା ସମବାୟ ସମିତିରେ ଚାଷୀଙ୍କ ଟଙ୍କା ହେରଫେର ଘଟଣା**

୧୨ଜଣ ଚାଷୀ ସମବାୟ ସମିତିର ସମ୍ପାଦକ ଟଙ୍କା ହେରଫେର କରିଥିବା ନେଇ ଥାନାରେ ଏତଲା ଦେଇଥିଲେ। ତେବେ ବରୁଣା ସମବାୟ ସମିତି ସମ୍ପାଦକଙ୍କ ନାମରେ ୧୩ ଜଣ ଚାଷୀ ଏତଲା ଦେଇଥିବା ବେଳେ, ପୋଲିସ ପକ୍ଷରୁ ୮ଜଣ ଚାଷୀଙ୍କ ଏତଲା ଆଧାରରେ ଥାନାରେ ନଂ. ୩୪୨/୨୪ରେ ବ୍ୟାଙ୍କ ମ୍ୟାନେଜର ସଞ୍ଜୟ କୁମାର ମହାପାତ୍ର ଓ ବରୁଣା କୃଷି ସମବାୟ ସମିତିର ସମ୍ପାଦକ ଅସିତ କୁମାର ବେହୁରିଆଙ୍କ ନାମରେ ଏକ ମାମଲା ରୁଜୁ କରିଥିଲେ। ପରେ ପୂର୍ବତନ ଶାଖା ପରିଚାଳକ ମହାପାତ୍ର ବିବାଦୀୟ ହୋଇ ପଡ଼ିଥିଲେ। ତାଙ୍କ ବଦଳି ପରେ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବାରୁ ଚାଷୀମାନେ ନ୍ୟାୟ ପାଇବା ଆଶା ସଞ୍ଚାର ହୋଇଛି।

# ଡ୍ରେନେଜ କଟ୍‌ର ରକ୍ଷଣାବେକ୍ଷଣ ହେଉନାହିଁ

ଡେରାବିଶ, ୨୯।୮ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ମଧଦେଇ ବିରୂପା, ଲୁଣା, କରାଣ୍ଡିଆ ନଦୀ ସହ ଗୋବରୀ ନଦୀ ପାଇଁ ବ୍ଲକ ଅଞ୍ଚଳର ଚାଷଜମି ବନ୍ୟା ପ୍ଲାବିତ ହୋଇଥାଏ। ଅନ୍ୟପକ୍ଷରେ ବ୍ଲକ ଅଧୀନରେ ଥିବା ଡ୍ରେନେଜ କଟ୍‌ଗୁଡ଼ିକ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ଯୋଗୁଁ ଅଞ୍ଚଳର ଚାଷୀ ପ୍ରତ୍ୟେକ ବର୍ଷ ଫସଲହାନିର ସମ୍ମୁଖୀନ ହୋଇ ଆସୁଛନ୍ତି। କେନ୍ଦ୍ରାପଡ଼ା ଡ୍ରେନେଜ ବିଭାଗ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଓ ବେପରୁଆ ମନୋଭାବ ପାଇଁ ଡ୍ରେନେଜ୍ କଟ୍‌ଗଡ଼ିକର ସଫେଇ ଓ ରକ୍ଷଣାବେକ୍ଷଣର ଅଭାବ ପାଇଁ ଅଞ୍ଚଳର ଚାଷୀମାନେ ନାହିଁ ନ ଥିବା ସମସ୍ୟା ଭୋଗି ଆସୁଛନ୍ତି। ଗୁରୁବାର ବିଧାନସଭାରେ ଜଳସମ୍ପଦ ବିଭାଗର ଖର୍ଚ୍ଚ ଦାବି ଉପରେ ହୋଇଥିବା ଆଲୋଚନାରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଭାଗନେଇ ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ଅଞ୍ଚଳର ଡ୍ରେନେଜ ସମସ୍ୟା ଉପରେ ପ୍ରଶ୍ନ ଉପସ୍ଥାପନ କରିଥିଲେ। ମହାପାତ୍ର କେନ୍ଦ୍ରାପଡ଼ା ଜିଲା ଡ୍ରେନେଜ୍ ବିଭାଗ ପାଇଁ ସରକାର ୩୦ କୋଟି ଟଙ୍କା ବ୍ୟୟବରାଦ ରଖିଛନ୍ତି। ମାତ୍ର ଡେରାବିଶ ବ୍ଲକ ଅଞ୍ଚଳରେ ଥିବା ଡ୍ରେନେଜ୍ କଟ୍‌ଗୁଡିକ ରକ୍ଷଣାବେକ୍ଷଣ ଅଭାବରୁ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସିତ ନ ହୋଇ ଚାଷଜମି ଜଳାର୍ଣ୍ଣବ ହୋଇପଡ଼ିଥିବା ନେଇ କହିଛନ୍ତି। ରାସ୍ତାରୁ ଛିଡ଼ା ହୋଇ ଯେକେହି ଦେଖିଲେ କେବଳ ବନ୍ୟା ହୋଇଥିବା ଭାବିବେ। ଏହାର ସ୍ଥାୟୀ ସମାଧାନ ପାଇଁ ବିଭାଗୀୟ ମୁଖ୍ୟମନ୍ତ୍ରୀଙ୍କ ସହ ବାରମ୍ବାର ଆଲୋଚନା କରିଥିଲେ ମଧ୍ୟ ସେ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକତା ନ ଥିବା ନେଇ ବିଧାୟକ ମହାପାତ୍ର ପ୍ରଶ୍ନ ମାଧ୍ୟମରେ କହିଥିଲେ। ଅନ୍ୟପକ୍ଷରେ ଡ୍ରେନେଜ୍ ବିଭାଗ ନିଜର ଅସହାୟତା ପ୍ରଦର୍ଶନ କରି ହାତ ଟେକି ଦେଇଥିବା ମହାପାତ୍ର ବିଧାନସଭା ଗୃହରେ ଉପସ୍ଥାପନ କରିଥିଲେ। ଏ ଦିଗରେ ମୁଖ୍ୟମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ କରନ୍ତୁ ବୋଲି ବିଧାୟକ ମହାପାତ୍ର ଦାବି କରିଥିଲେ। ସୂଚନାଯୋଗ୍ୟ, ବିଧାୟକ ଭାବେ ନିର୍ବାଚିତ ହେବା ପରେ ମହାପାତ୍ର ବ୍ଲକ ଅଞ୍ଚଳର ସମସ୍ତ ଡ୍ରେନେଜ୍ କଟ୍‌ର ଦୁରବସ୍ଥା ବୁଲି ଦେଖିବା ସହ ଏହା ଉପରେ ନିର୍ଭରଶୀଳ ଥିବା ବିଭିନ୍ନ ଚାଷୀଙ୍କ ସହ ଆଲୋଚନା କରିଥିଲେ। ତେବେ ବିଧାନସଭାରେ ବିଧାୟକ ମହାପାତ୍ର ଡେରାବିଶ ଚାଷୀଙ୍କ ପ୍ରମୁଖ ସମସ୍ୟା ଉପସ୍ଥାପନ କରି ଏହାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଥିବା ଖବର ଜଣାପଡ଼ିବା ପରେ ଅଞ୍ଚଳର ଚାଷୀମାନେ ବିଧାୟକଙ୍କୁ ସାଧୁବାଦ ଜଣାଇଛନ୍ତି।

**ଜଳମଗ୍ନ ଚାଷଜମିର ସମାଧାନ ପାଇଁ ପାଟକୁରା ବିଧାୟକଙ୍କ ବିଧାନସଭାରେ ଦାବି**

# କ୍ରୀଡ଼ା ଦିବସ ଏକ ଉତ୍ସବ ନୁହେଁ, ଆମ ଜୀବନକୁ ସମୃଦ୍ଧ କରେ

ପଟ୍ଟାମୁଣ୍ଡାଇ,୨୯।୮ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନିମପୁର ଶାସନ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତପନ କୁମାର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଟ୍ଟାମୁଣ୍ଡାଇ ବ୍ଲକ ଏବିଇଓ ପ୍ରେମବାଳା ମହାପାତ୍ର, ମୁଖ୍ୟବକ୍ତା ଭାବେ ଜଗନ୍ନାଥ ଆଚାର୍ଯ୍ୟ ଯୋଗଦେଇ ଭାରତୀୟ ହକିର କିମ୍ବଦନ୍ତୀ ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସ ଏବଂ ଦେଶ ପ୍ରତି ଅବଦାନକୁ ମନେ ପକାଇବା ପାଇଁ ଆଜିର ଦିନକୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳିତ ହେଉଛି। ସମ୍ମାନିତ ଅତିଥି ଭାବେ ପୂର୍ବତନ କ୍ରୀଡା ଶିକ୍ଷକ ରମେଶ ଚନ୍ଦ୍ର ଦାସ ଓ ପରିଚାଳନା କମିଟିର ସଭାପତି ବାସୁଦେବ ସେଠୀ ଯୋଗଦେଇ ଜାତୀୟ କ୍ରୀଡ଼ା ଦିବସ କେବଳ ଏକ ଉତ୍ସବ ନୁହେଁ କ୍ରୀଡ଼ା ଆମ ଜୀବନକୁ ସମୃଦ୍ଧ କରେ ବୋଲି ସମସ୍ତ ଛାତ୍ରୀଛାତ୍ରଙ୍କୁ କହିଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଅଜୟ କୁମାର ସାହୁ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ସଭାରେ ସହକାରୀ ଶିକ୍ଷୟିତ୍ରୀ ପୂଜା ଉପାଧ୍ୟାୟ ସ୍ୱାଗତ ଭାଷଣ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ମମତା ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନା କରିଥିଲେ। ଶେଷରେ ସହକାରୀ ଶିକ୍ଷୟିତ୍ରୀ ସୁଶ୍ରୀ ପ୍ରଜ୍ଞା ମହାଳି ଧନ୍ୟବାଦ ଦେଇଥିଲେ।

**ନିମପୁର ଶାସନ ନୋଡାଲ ଉଚ୍ଚ ବିଦ୍ୟାଳୟ**

# ଧ୍ୟାନଚାନ୍ଦଙ୍କ ଆଦର୍ଶକୁ କ୍ରୀଡ଼ାବିତ୍‌ମାନେ ଅନୁସରଣ କରନ୍ତୁ



ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ପତାକା ଦେଖାଇ ସାଇକେଲ ରାଲିକୁ ଉଦ୍‌ଘାଟନ କରୁଛନ୍ତି।

କେନ୍ଦ୍ରାପଡ଼ା, ୨୯।୮ (ଜଗନ୍ନାଥ ଧଳ)

ଅନ୍ତର୍ଜାତୀୟ ଖ୍ୟାତନାମା ହକି ତାରକା ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ଅଗଷ୍ଟ ୨୯କୁ ଜାତୀୟ କ୍ରୀଡ଼ା ଦିବସ ରୂପେ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ପାଳନ କରାଯାଇଛି। ଏଥିପାଇଁ ଜିଲା କ୍ରୀଡ଼ା ବିଭାଗ ପକ୍ଷରୁ ସାଇକେଲ ରାଲି ଅନୁଷ୍ଠିତ ହେବା ସହ ମେଜର ଧ୍ୟାନଚାନ୍ଦଙ୍କ ସମ୍ପର୍କରେ ଆଲୋଚନାଚକ୍ର କାର୍ଯ୍ୟାଳୟର ସଭାକକ୍ଷରେ ଅନୁଷ୍ଠିତ ହୋଇଥିଲା। ସାଇକେଲ ରାଲିକୁ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଉଦ୍‌ଘାଟନ କରିଥିଲେ। ସେହିପରି ସଭାକକ୍ଷରେ ମେଜର ଧ୍ୟାନଚାନ୍ଦଙ୍କ ଆଦର୍ଶକୁ କ୍ରୀଡ଼ାବିତ୍‌ମାନେ ଅନୁସରଣ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ। ଆଲୋଚନାଚକ୍ରରେ ଏଡିଏମ୍ ନିଲୁ ମହାପାତ୍ର, ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ପ୍ରମୁଖ କ୍ରୀଡ଼ାର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ବଳିୟାରସିଂହ ସହଯୋଗ କରିଥିଲେ।

**ଜାତୀୟ କ୍ରୀଡ଼ା ଦିବସ ପାଳିତ**

# ମା' ନାମରେ ଲାଗିଥିବା ଚାରାକୁ ବଡ଼ କଲେ ପ୍ରକୃତ ସମ୍ମାନ ହେବ

ଡେରାବିଶ, ୨୯।୮ (ବେବର୍ତ୍ତା ଅଜୟ ଦାସ)

ବିଶ୍ୱ ପରିବେଶ ପକ୍ଷ ପାଳନ ଉପଲକ୍ଷେ ଭାରତୀୟ ଷ୍ଟେଟ ବ୍ୟାଙ୍କ, ଗୋଲରାହାଟ ଶାଖା ପକ୍ଷରୁ ଗୁରୁବାର ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ଶାଖା ପରିଚାଳିକା ଈପ୍‌ସିତା ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମ ଅବସରରେ ଡେରାବିଶ ଥାନା ପରିସରରେ ଶତାଧିକ ବିଭିନ୍ନ ପ୍ରକାରର ଫଳ ଚାରା ରୋପଣ କରାଯାଇଥିଲା। ଡେରାବିଶ ଥାନାଧିକାରୀ କିଶୋର ତରାଇ ଏଥିରେ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ପୁଅମାନେ ନିଜ ମା'ର ଯେପରି ଯତ୍ନ ନେଇଥାନ୍ତି ସେହିପରି ଏହି କାର୍ଯ୍ୟକ୍ରମରେ ମା' ନାମରେ ଲଗାଯାଇଥିବା ଚାରା ନେଇ ବଡ଼ କରିପାରିଲେ ଏହା ସେମାନଙ୍କ ନିଜ ମା' ପ୍ରତି ପ୍ରକୃତ ସମ୍ମାନ ହୋଇପାରିବ ବୋଲି କହିବା ସହିତ ଚାରା ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।



ଡେରାବିଶ ଥାନାରେ ଚାରାରୋପଣ କରାଯାଉଛି।

# ଗଛର ଆବଶ୍ୟକତା ବୁଝି ବାଡ଼ିରେ ଚାରା ଲଗାନ୍ତୁ



ବିଦ୍ୟାଳୟରେ ଚାରା ରୋପଣ କରାଯାଉଛି।

ଆଳି, ୨୯।୮ (ବନମାଳୀ ସେନାପତି)

ଆଳି ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶାଖା ପରିଚାଳକ ବିକ୍ରମ କେଶରୀ ପରିଡାଙ୍କ ନେତୃତ୍ୱରେ ବଡାମ୍ବିଳା ପଞ୍ଚାୟତର କେଶବାନନ୍ଦ ବାଳିକା ବିଦ୍ୟାଳୟ ଓ ଅଟାଳ ପଞ୍ଚାୟତରେ ଥିବା ଉତ୍କଳମଣୀ ବିଦ୍ୟାପୀଠ ପରିସରରେ ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପାରାଦୀପର ଡେପୁଟି ମ୍ୟାନେଜର ତାପସ କୁମାର ପାତ୍ର, ଆଳି ଷ୍ଟେଟ ବ୍ୟାଙ୍କର କ୍ଷେତ୍ର ପରିଚାଳକ ସୁମିତ କୁମାର ଗିରି, କେଶବାନନ୍ଦ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା କୁମାରୀ ଦାସ, ସରପଞ୍ଚ ପ୍ରତିନିଧି ବିଜୟ ମହୀ, ଉତ୍କଳମଣୀ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତିରେଖା ରାଉତ, ସରପଞ୍ଚ ପ୍ରତିନିଧି ଅଚ୍ୟୁତାନନ୍ଦ ବଳଙ୍କ ସମେତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ବ୍ୟାଙ୍କ ପକ୍ଷରୁ ଗଛର ଆବଶ୍ୟକତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁବୁଝାଯିବା ସହ ଗୋଟେ ଲେଖାଏ ଲଗାଇବାକୁ ନିବେଦନ କରାଯାଇଥିଲା।

## ଔଷଧୀୟ ଚାରାରୋପଣ

ନାଉଗାଁ,୨୯।୮ (ସୁଧା ବେହୁରା)

ନାଉଗାଁ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା ପକ୍ଷରୁ ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ଶାଖା ପରିଚାଳକ ପ୍ରଣୟ କୁମାର ସାମଲଙ୍କ ନେତୃତ୍ୱରେ ନୂଆଗାଁ ପଞ୍ଚାୟତ ଗନ୍ଧଣ ଗ୍ରାମର ଆଖଣ୍ଡଳମଣି ମନ୍ଦିର ପରିସର, ରୋହିଆ ପଞ୍ଚାୟତର ଅମୃତ ସରୋବର ଚତୁଃପାର୍ଶ୍ୱରେ ବିଭିନ୍ନ ଔଷଧୀୟ ଚାରାରୋପଣ କରାଯାଇଛି। ଏତଦ୍‌ବ୍ୟତୀତ ଗ୍ରାମାଞ୍ଚଳରୁ କ୍ରମଶଃ ଔଷଧୀୟ ଚାରା ଲୋପ ପାଇବାକୁ ବସିଲାଣି। ପରିବେଶକୁ ସୁସ୍ଥ ସୁନ୍ଦର କରିବା ପାଇଁ ବୃକ୍ଷର ଆବଶ୍ୟକତା ରହିଛି। ତେଣୁ ଆମେ ଯେପରି ନିଜ ମା'କୁ ଭଲ ପାଇଥାଉ ଓ ମା ଯେପରି ଶିଶୁର ଯତ୍ନ ନିଏ, ସେହିପରି ଭାବେ ସମସ୍ତେ ଚାରା ରୋପଣ କରି ନିଜ ମା ପରି ଯତ୍ନ ନେବାକୁ ଶାଖା ପରିଚାଳକ ସାମଲ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ୟାଙ୍କର କର୍ମଚାରୀ ଶିବଶଙ୍କର ସାହିଲ, ଅନନ୍ତ ବିଶ୍ୱାଳ, ଇତିଶ୍ରୀ ସ୍ୱାଇଁ ଯୋଗ ଦେଇଥିଲେ। ଗ୍ରାହକ ସେବା କେନ୍ଦ୍ରର ପରିଚାଳକ ଅନିଲ କୁମାର ଲେଙ୍କା ଏହାକୁ ପରିଚାଳନା କରିଥିଲେ।

# ଉପଯୁକ୍ତ ସମୟରେ ପଦକ୍ଷେପ ନିଆଯିବ

ପଟ୍ଟାମୁଣ୍ଡାଇ, ୨୯।୮ (କଳ୍ପତରୁ ନାୟକ)

୨୦୦୯ ସାଧାରଣ ନିର୍ବାଚନ ପୂର୍ବରୁ ସୀମା ପୁନଃ ନିର୍ଦ୍ଧାରଣରେ ଓଡ଼ିଶାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନମଣ୍ଡଳୀ ପଟ୍ଟାମୁଣ୍ଡାଇ(ସଂ) ନିର୍ବାଚନମଣ୍ଡଳୀ ନିଜର ସତ୍ତା ହରାଇ ବସିଲା। ନିର୍ବାଚନମଣ୍ଡଳୀ ବିଲୋପ ପରେ ପଟ୍ଟାମୁଣ୍ଡାଇର ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଲା। ବହୁ ଗୌରବରେ ଗୌରବାନ୍ୱିତ ପଟ୍ଟାମୁଣ୍ଡାଇର ସ୍ୱାର୍ଥ ସମ୍ମାନ ଓ ସ୍ୱାଭିମାନର ପୁନଃ ପ୍ରତିଷ୍ଠା କରିବା ସମସ୍ତ ପଟ୍ଟାମୁଣ୍ଡାଇବାସୀଙ୍କ ଏକ ଆହ୍ୱାନ ଭାବେ ଦେଖାଦେଲା। ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଦାବି ନେଇ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପକ୍ଷରୁ ଦୀର୍ଘ ୧୭ବର୍ଷ ଧରି ବିଭିନ୍ନ ସମୟରେ ଆନ୍ଦୋଳନ, ଅନଶନ, ଧାରଣା, ପ୍ରତିବାଦ ସଭା ଜାରିରଖି ଆସିଛି। ପଟ୍ଟାମୁଣ୍ଡାଇବାସୀଙ୍କ ଭାବାବେଗକୁ ସମ୍ମାନ ଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ ଗତ ସରକାର ସମୟରେ ଅନୁଷ୍ଠିତ ବିଧାନସଭା ଅଧିବେଶନରେ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଦାବି ବାରମ୍ବାର ଉତ୍ଥାପନ କରିବା ପରେ ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ଏହା ବିଚାରାଧୀନ ଥିବା ସୂଚନା ଦେଇଥିଲେ। ସରକାର ପରିବର୍ତ୍ତନ ହୋଇ ନୂତନ ସରକାର ପ୍ରତିଷ୍ଠା ହେବା ପରେ ଚଳିତ ବିଧାନସଭା ଅଧିବେଶନରେ ରାଜନଗର ବିଧାୟକ ସାହୁ ପୁନର୍ବାର ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ପ୍ରସଙ୍ଗ ଉତ୍ଥାପନ କରିଛନ୍ତି। ପଟ୍ଟାମୁଣ୍ଡାଇ ରାଜସ୍ୱ ସବ୍‌ଡିଭିଜନ କେବେ ଘୋଷଣା କରାଯିବ ବୋଲି ବିଧାୟକ ସାହୁଙ୍କ ପ୍ରଶ୍ନର ଉତ୍ତରରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ସମ୍ପ୍ରତି ରାଜ୍ୟରେ ୫୮ଟି ରାଜସ୍ୱ ସବ୍‌ଡିଭିଜନ ରହିଛି। ପଟ୍ଟାମୁଣ୍ଡାଇ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ରାଜସ୍ୱ ସବ୍‌ଡିଭିଜନ ଘୋଷଣା ଦାବି ସରକାରଙ୍କ ହସ୍ତଗତ ହୋଇଛି। ଉପଯୁକ୍ତ ସମୟରେ ସରକାର ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଘୋଷଣା ଦାବି ସମ୍ପର୍କରେ ପଦକ୍ଷେପ ନେବେ ବୋଲି ବିଧାନସଭାରେ କହିଛନ୍ତି।

**ବିଧାନସଭାରେ ଉଠିଲା ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ପ୍ରସଙ୍ଗ**

## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ଏରସମା, ୨୯।୮ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଭାରତୀୟ ଷ୍ଟେଟ ବ୍ୟାଙ୍କ ଏରସମା ଶାଖା ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ଦାଶ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପ୍ରଭାତୀ ସେଠୀ, ପ୍ରତିମା ପୃଷ୍ଟି, ଶୈଳବାଳା ପରିଡ଼ା ଓ ରଜେଶ୍ୱରୀ ରଥଙ୍କ ନାମରେ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଷ୍ଟେଟ ବ୍ୟାଙ୍କର ଏରସମା ଶାଖା ପରିଚାଳକ ମନୋରଞ୍ଜନ ପୃଷ୍ଟିଙ୍କ ସହ ବ୍ୟାଙ୍କ କର୍ମକର୍ତ୍ତା ମୁକେଶ ସେଠୀ, ସତ୍ୟରଞ୍ଜନ ଗଚ୍ଛାୟତ, ତପନ ଦାସ, ଶିକ୍ଷକ ଅନ୍ତର୍ଯାମୀ ସାହୁ, ଅଜୟ କୁମାର ସାହୁ, ଗୀତାଞ୍ଜଳି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଗଣେଶ, ବିଶ୍ୱକର୍ମା ପୂଜା ପାଇଁ ଚଳଚଞ୍ଚଳ କୁମ୍ଭାରସାହି

କେନ୍ଦ୍ରାପଡ଼ା, ୨୯।୮ (ଜଗନ୍ନାଥ ଧଳ)

ଆସନ୍ତା ସେପ୍ଟେମ୍ବର ୭ରେ ଗଣେଶ ଓ ୧୬ ତାରିଖରେ ବିଶ୍ୱକର୍ମା ପୂଜା ହେବ। ଏଥିପାଇଁ କେନ୍ଦ୍ରାପଡ଼ା ସହରର କୁମ୍ଭାରସାହି ଚଳଚଞ୍ଚଳ ହୋଇଉଠିଛି। ଉଭୟ ମୃଣ୍ମୟ ମୂର୍ତ୍ତିର ଶେଷ ସ୍ପର୍ଶ ପାଇଁ କାରିଗରମାନେ ତତ୍ପର ହୋଇ ପଡ଼ିଛନ୍ତି। ଛୋଟରୁ ବଡ଼ ମୂର୍ତ୍ତିରେ ରଙ୍ଗ ଦେବାକୁ ଦିନରାତି ଏକାକାର କରି ଦେଇଛନ୍ତି। ଏ ସମ୍ପର୍କରେ ପ୍ରଭାତ ବେହେରା(୫୨) କହିଛନ୍ତି, ଏବେଠାରୁ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ସରସ୍ୱତୀ ପୂଜା ପର୍ଯ୍ୟନ୍ତ ଚାଲିବ। ମୂର୍ତ୍ତି ନିର୍ମାଣରେ ପ୍ରାୟ ୪ ଦଶନ୍ଧି ଧରି ପାରିବାରିକ ବୃତ୍ତିରେ ଅଛନ୍ତି। ମାଟି ଉଠାଠାରୁ ମୂର୍ତ୍ତି ହସ୍ତାନ୍ତର ପର୍ଯ୍ୟନ୍ତ ପରିବାର ସଦସ୍ୟଙ୍କ ସହ କଠିନ ପରିଶ୍ରମ କରିବାକୁ ପଡ଼ିବ। ତେବେ ଉପଯୁକ୍ତ ପାରିଶ୍ରମିକ ମିଳିବା ନେଇ ଏବେବି ଆଶଙ୍କା ଅଛି। ଉପଯୁକ୍ତ ଚିକ୍କଣ ମାଟି ଉଠାଣଠାରୁ ରଙ୍ଗ ପର୍ଯ୍ୟନ୍ତ ଖର୍ଚ୍ଚ ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଅଧିକ ହେଉଛି। ସେହିପରି ମୂର୍ତ୍ତି ବିକ୍ରିରେ ସମସ୍ୟା ହେଲେ ଆର୍ଥିକ ଦୁର୍ଗତି ଭୋଗିବାକୁ ପଡୁଛି। ଏହି କୌଳିକ ବୃତ୍ତିକୁ ଏବେ ସରକାରୀ ପ୍ରୋତ୍ସାହନ ମିଳିବ ବୋଲି ଶୁଣାଯାଉଛି। ଏହା ରାଜନୈତିକ ମିଛ ପ୍ରତିଶ୍ରୁତି ନ ହେଉ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। କାରିଗର ପ୍ରଭାକର ବେହେରା କହିଛନ୍ତି, ୩ ଦଶନ୍ଧି ପୂର୍ବେ କୁମ୍ଭାରସାହିର ପ୍ରାୟ ୧୨୦ ଘର ମୂର୍ତ୍ତି ନିର୍ମାଣ କରୁଥିଲେ। ଏବେ ଏହି ସଂଖ୍ୟା ପ୍ରାୟ ୪୦କୁ ଖସି ଆସିଛି। ପୂର୍ବରୁ କଞ୍ଚାମାଲ ସ୍ଥାନୀୟ ଅଞ୍ଚଳରୁ ସଂଗ୍ରହ କରାଯାଉଥିଲା। ଏବେ ବଜାରରେ ପ୍ରତିଯୋଗିତା ବଢ଼ିଚାଲିଛି। ଆକର୍ଷଣୀୟ ମୂର୍ତ୍ତି ପାଇଁ ବହୁମୂଲ୍ୟ ଦେଇ ରଙ୍ଗ ଓ ସାମଗ୍ରୀ କିଣିବାକୁ ପଡୁଛି। ଉପଯୁକ୍ତ ଅର୍ଥ ମିଳୁ ନ ଥିବାରୁ ଯୁବବର୍ଗ ଏହି କୌଳିକ ବୃତ୍ତିକୁ ଗ୍ରହଣ କରିବାକୁ ରାଜି ହେଉନାହାନ୍ତି। ଏପରିକି ମୂର୍ତ୍ତି ନିର୍ମାଣ ଅପେକ୍ଷା କର୍ମ ଅନ୍ୱେଷଣରେ ଯୁବବର୍ଗ ବାହାରକୁ ଯାଉଛନ୍ତି। ତେବେ ବଜାର ଚାହିଦା ଅନୁଯାୟୀ ମୂର୍ତ୍ତି ନିର୍ମାଣ କରାଯାଉଛି। ଗ୍ରାମର ବାସନ୍ତୀ ବେହେରା କହିଛନ୍ତି, ମୂର୍ତ୍ତିର ରଙ୍ଗ, ଆଭୂଷଣ ସାଜସଜ୍ଜାରେ ଘରର ମହିଳା ଓ ପିଲାଙ୍କର ଭୂମିକା ବେଶି। ପରିବାରର ସମସ୍ତଙ୍କ ସହଯୋଗ ଦ୍ୱାରା ଠାକୁରଙ୍କ ମୂର୍ତ୍ତି ବିକି ଦୁଇ ପଇସା ଆସୁଛି। ସେହିପରି ଦୀପାବଳି ପାଇଁ ଦୀପ, ମାଟି ହାଣ୍ଡିଠାରୁ ଟେରାକୋଟା ମୂର୍ତ୍ତି ଏଠାରେ ନିର୍ମାଣ ହେଉଛି। ତେବେ ବଜାରରେ ମିଳୁଥିବା ଚାଇନା ନିର୍ମିତ ଓ ପ୍ଲାଷ୍ଟର ଅଫ୍ ପ୍ୟାରିସରେ ମୂର୍ତ୍ତି କୌଳିକ ବୃତ୍ତିକୁ ପ୍ରଭାବିତ କରିଛି। ଗାଁ କାରିଗର ମୂର୍ତ୍ତିରେ କଳା କୌଶଳ ସନ୍ନିହିତ ଥିବାବେଳେ ବାହାର ମୂର୍ତ୍ତି ପରିବେଶକୁ ନଷ୍ଟ କରୁଛି।


କାରିଗର ଗଣେଶ ମୂର୍ତ୍ତିରେ ରଙ୍ଗ ଦେଉଛନ୍ତି।

**ଜାତୀୟ କ୍ରୀଡ଼ା ଦିବସ**

# ମନ ଶରୀରକୁ ସୁସ୍ଥ ରଖେ ଖେଳ

ପାରାଦୀପ,୨୯।୮ (ଶରତ ରାଉତ)

ପାରାଦୀପ ବନ୍ଦର ସ୍ପୋର୍ଟ୍‌ସ କାଉନସିଲ ପକ୍ଷରୁ ଗୁରୁବାର ଜାତୀୟ ଖେଳ ଦିବସ ପାଳିତ ହୋଇଯାଇଛି। ନୂଆବଜାର ଗୋପବନ୍ଧୁ ଷ୍ଟାଡିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୋପବନ୍ଧୁ କ୍ରୀଡା ସଂସଦର ସଭାପତି ତଥା ବନ୍ଦର ଅର୍ଥ ପରାମର୍ଶ ଅଧିକାରୀ ଧର୍ମେନ୍ଦ୍ରନାଥ ସୋନ୍ଧି, କାର୍ଯ୍ୟକାରୀ ସଭାପତି ଡାକ୍ତର ଦୁର୍ଗାପ୍ରସାଦ ସେଠୀ, ସମ୍ପାଦକ ରଶ୍ମିରଞ୍ଜନ ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦେଶର ମହାନ ହକି ତାରକା ଧ୍ୟାନଚାନ୍ଦଙ୍କ ଜୀବନୀ ଉପରେ ଆଲୋଚନା ହୋଇଥିଲା। ସେଥିରେ ଭାଗ ନେଇଥିବା କ୍ରୀଡାବିତ୍‌ଙ୍କୁ ଅତିଥି ସୋନ୍ଧି କହିଥିଲେ, ଖେଳରେ ପ୍ରତିଯୋଗିତା ମୂଳକ ମନୋଭାବ ରହିବା ଉଚିତ। ଖେଳ ଜରିଆରେ ମନ ଓ ଶରୀର ସୁସ୍ଥ ରହିଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଭଲି ବଲ କୋଚ ସଞ୍ଜୟ କୁମାର ଦାସ, ଆନ୍ତର୍ଜାତିକ ରେଫରୀ ଧୂନଚନ୍ଦ୍ର ତରାଇ ପ୍ରମୁଖ ଉପସ୍ଥିତ ଥିଲେ।


ଅତିଥିଙ୍କ ଗହଣରେ ଖେଳାଳିମାନେ।

## ସଂକ୍ଷେପରେ

### ମଦ ଜବତ, ପୋଚ ନଷ୍ଟ

ଆସିକା,୨୯।୮(ସୁରେନ୍ଦ୍ର ନାଥ ସାହୁ): ଆସିକା ବ୍ଲକ କମାଗଡ଼ ଗ୍ରାମ ନିକଟ ଏକ ଜଙ୍ଗଲରେ ଚାଲିଥିବା ମଦଭାଟି ଉପରେ ଗୁରୁବାର ଆସିକା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା । ଚଢ଼ାଉ ବେଳେ ପ୍ରାୟ ଶହେ ଲିଟର ରନ୍ଧାମଦ ଜବତ କରାଯାଇଥିବା ବେଳେ ୨୫ ଶହ ଲିଟର ପୋଚ ନଷ୍ଟ କରାଯାଇଛି । ଦୁର୍ଗମ ରାସ୍ତାରେ ଜବତ ମଦ ଆଣିବା ସମ୍ଭବ ନ ହେବାରୁ ସେଠାରେ ଢାଳିନିଆଁ ଲଗାଇ ଦିଆଯାଇଥିବା ଆସିକା ଅବକାରୀ ସବଇନ୍ସପେକ୍ଟର ରବୀନ୍ଦ୍ର ନାଥ ବିଶ୍ୱାଳ ସୂଚନା ଦେଇଛନ୍ତି । ଅଭିଯୁକ୍ତମାନେ ଛତ୍ରଭଙ୍ଗ ଦେଇଥିବାରୁ କାହାକୁ ଗିରଫ କରାଯାଇ ପାରିନାହିଁ।

### ଚମାଖଣ୍ଡିରେ ସ୍ୱାସ୍ଥ୍ୟ ଆରୋଗ୍ୟ ଶିବିର

ଛତ୍ରପୁର,୨୯।୮(ଦିଲ୍ଲୀପ ସାମଲ): ଚମାଖଣ୍ଡିରେ ଗୁରୁବାର ସ୍ୱାସ୍ଥ୍ୟ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀରାମଚନ୍ଦ୍ରପୁର ସରପଞ୍ଚ ଏସ. ସଞ୍ଜୀବ ରେଡ୍ଡୀ, ଚମାଖଣ୍ଡି ସରପଞ୍ଚ ସିଏଚ. ମନୋଜ କୁମାର ରେଡ୍ଡୀ ଅତିଥି ଭାବେ ଯୋଗଦେଇ ଥିଲେ। ଶିବିରରେ ଜନସାଧାରଣଙ୍କ ବିଭିନ୍ନ ପରୀକ୍ଷା କରାଯିବା ସହିତ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇ ସେମାନଙ୍କୁ ଔଷଧ ପ୍ରଦାନ କରାଯାଇଥିଲା। ଏଥିସହିତ ଶରୀର ସୁସ୍ଥ ରଖିବା ନିମନ୍ତେ ଯୋଗ ଅଭ୍ୟାସ କରାଯାଇଥିଲା। କାର୍ଯ୍ୟକ୍ରମରେ ଆୟୁଷ ଡାକ୍ତର ରାମାନୁଜ ପଟ୍ଟନାୟକ, ସୁପରଭାଇଜର କୃଷ୍ଣଚନ୍ଦ୍ର ଜେନା, ଏଏନଏମ ଓ ଆଶାକର୍ମୀ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କିରଣ ପଣ୍ଡା ପରିଚାଳନା କରିଥିଲେ।

### ନିଯୁକ୍ତି ଦାବି ନେଇ ଧାରଣା ଦ୍ୱିତୀୟ ଦିନରେ

ଛତ୍ରପୁର,୨୯।୮(ଦିଲ୍ଲୀପ ସାମଲ): ଛତ୍ରପୁର ଉପକଣ୍ଠ ଆଇଆରଇଏଲ କମ୍ପାନୀ ଓ ବିଭିନ୍ନ କମ୍ପାନୀଗୁଡିକରେ ସ୍ଥାନୀୟ ଯୁବତୀଯୁବକ ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦାବି ନେଇ ତୁବୁଲି ଛକଠାରେ ଚାଲିଥିବା ଧାରଣା ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ସମାଜିକ କର୍ମୀ ତଥା କଂଗ୍ରେସ ନେତା ଭାଗିରଥୀ ବେହେରାଙ୍କ ନେତୃତ୍ୱରେ ଧାରଣା ଦିଆଯାଇଛି। ଧାରଣାରେ କଂଗ୍ରେସ ନେତା ବେହେରା, ଶ୍ରମିକ ନେତା ଭୋକାଲି ସେଠିଙ୍କ ସମେତ ବହୁ ଯୁବକ ଓ ମହିଳା ମାନେ ସାମିଲ ହୋଇଛନ୍ତି।

### ଘୋଡାପଲି ଗ୍ରାମରେ ଚାରା ରୋପଣ

ଧରାକୋଟ,୨୮।୮(ବିଷ୍ଣୁ କେଶରୀ ଆଚାର୍ଯ୍ୟ) ଧରାକୋଟ ପଞ୍ଚାୟତ ଅନ୍ତର୍ଗତ ଘୋଡ଼ାପଲି ଗ୍ରାମ୍ୟ କମିଟି ଦ୍ୱାରା ଗାଁ ଚାରିପଟେ ଓ ନିକଟସ୍ଥ ବାଘୁଆ, ପଥର ପାହାଡ଼ ପାଦ ଦେଶରେ ପ୍ରାୟ ୫୦୦ରୁ ଅଧିକ ଚାରା ରୋପଣ କରାଯାଇଛି । ଗାଁ କମିଟି ସଭାପତି ଈଶ୍ୱର ନାଇକ, ଉପସଭାପତି ବାଳକୃଷ୍ଣ ନାଇକ, ଉପଦେଷ୍ଟା ଜିତେନ୍ଦ୍ର ନାଇକ, ୱାର୍ଡ ମେମ୍ବର ଶାନ୍ତି ନାଇକ, ଅଙ୍ଗନୱାଡି କର୍ମୀ ମାନସ ନାଇକ, ଅହଲ୍ୟା ନାଇକ ଏବଂ ସଭ୍ୟ ଟୁକୁନା ନାଇକ, ମନୋଜ ନାଇକ, କାଳିଆ ନାଇକ, ଶିବରାମ ନାଇକଙ୍କ ସମେତ ସମସ୍ତ ଗ୍ରାମ୍ୟ କମିଟି ସଦସ୍ୟା, ସଦସ୍ୟମାନଙ୍କ ସହଯୋଗରେ ଗାଁରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଗଛ କାଟିବା ଦ୍ୱାରା ଏହାର କୁପ୍ରଭାବ ଜଳବାୟୁ ଉପରେ ପଡୁଛି । ଏଣୁ ନିଜ ଗାଁ ଚାରିପଟେ ଗଛ ଲଗାଇବା ପାଇଁ ନିଷ୍ପତ୍ତି ନିଆଯିବା ପରେ ଗାଁ ଚାରିପଟେ ଓ ପାଖ ପାହାଡ଼ରେ ଆମ୍ବ, ଚାକୁଣ୍ଡା, ନିମ୍ବ, ଆକାଶିଆ, ଗମ୍ଭାରୀ, ବଉଳ, କଦମ୍ବ ଆଦି ଚାରା ରୋପଣ କରାଯାଇଛି।

# ଶ୍ରେଣୀଗୃହ ଅଭାବରୁ ବାରଣ୍ଡାରେ ପାଠପଢା

ପାରଳାଖେମୁଣ୍ଡି(ଗିରିଧାରୀ ପରିଛା) ୨୯।୮



ଶ୍ରେଣୀଗୃହ ଅଭାବରୁ ବାରଣ୍ଡାରେ ବସି ଛାତ୍ରୀଛାତ୍ରମାନେ ପାଠ ପଢୁଛନ୍ତି।

ଗଜପତି ଜିଲା କାଶୀନଗର ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ରୂପେ ପରିଚିତ। ଏଠାରେ ଶିକ୍ଷା ବ୍ୟବସ୍ଥା ପ୍ରତି ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହନ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କାଶୀନଗର ବ୍ଲକ ସୀତାପୁର ପଞ୍ଚାୟତର ଶ୍ରୀବିଷ୍ଣୁପୁର ଗ୍ରାମରେ ଥିବା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ଅଧନରେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଶ୍ରେଣୀ ଗୃହ ଅଭାବରୁ ପିଲାମାନେ ପିଣ୍ଡାରେ ବସି ପାଠ ପଢୁଥିବା ଦେଖିବାକୁ ମିଳୁଛି। ଏ ନେଇ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ମଧରେ ୬୭ ଜଣ ଛାତ୍ରୀଛାତ୍ର ଅଧୟନ କରୁଥିବା ବେଳେ ପ୍ରଧାନ ଶିକ୍ଷକଙ୍କୁ ମିଶାଇ ୪ଜଣ ଶିକ୍ଷକ ରହିଛନ୍ତି। ଆଖପାଖ ଅଞ୍ଚଳର ୬ଟି ଗ୍ରାମର ପିଲାମାନେ ଏହି ବିଦ୍ୟାଳୟକୁ ପାଠ ପଢି ଆସୁଛନ୍ତି। ପିଲାଙ୍କ ପାଇଁ ବିଦ୍ୟାଳୟରେ ଆବଶ୍ୟକ ଶ୍ରେଣୀ ଗୃହ ନାହିଁ। ଏ ସମ୍ପର୍କରେ ଶିକ୍ଷୟତ୍ରୀ ଶିକ୍ଷକ ଓ ଅଭିଭାବକମାନେ ବାରମ୍ବାର ପ୍ରଶାସନକୁ ଲିଖିତ ରୂପେ ଜଣାଇଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ବିଦ୍ୟାଳୟରେ ରହିଥିବା ଦୁଇଟି ଶ୍ରେଣୀ ଗୃହରୁ ଗୋଟିଏରେ ପ୍ରଥମ ଶ୍ରେଣୀରୁ ତୃତୀୟ ଶ୍ରେଣୀ, ଅନ୍ୟ ଗୃହରେ ଚତୁର୍ଥ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢା ହେଉଥିବା ଶିକ୍ଷକମାନେ କହିଛନ୍ତି। ବିଭିନ୍ନ ସମୟରେ ପାଠରେ ଅସୁବିଧା ହେଉଥିବାରୁ ବିଦ୍ୟାଳୟ ପିଣ୍ଡା ନ ହେଲେ ଗଛତଳେ ଛାତ୍ରୀଛାତ୍ରଙ୍କୁ ପଢାଉଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ କହିଛନ୍ତି। ବର୍ଷା ପବନ ହେଲେ ବିଦ୍ୟାଳୟ ଏକପ୍ରକାର ବନ୍ଦ ରହେ ବୋଲି କେତେ ଜଣ ଅଭିଭାବକ କହିଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟର ପୂର୍ବରୁ ସଭାପତି ଦାୟିତ୍ୱରେ ଥିବା ସୀମନ ମଣ୍ଡଳ କହନ୍ତି, ସେ ନିଜେ ଦୁଇ ଦୁଇଥର ଜନଶୁଣାଣି ବେଳେ ଜିଲାପାଳଙ୍କୁ ଭେଟି ବିଦ୍ୟାଳୟର ଅସୁବିଧା ବିଷୟରେ ଅବଗତ କରାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଏପରି ଅସୁବିଧା ଯୋଗୁ ବହୁ ଛାତ୍ରୀଛାତ୍ର ଉକ୍ତ ବିଦ୍ୟାଳୟ ଛାଡ଼ି ଅନ୍ୟ ବିଦ୍ୟାଳୟକୁ ଯାଇ ପଢୁଥିବା ଜଣାପଡିଛି। ଏନେଇ ସ୍ଥାନୀୟ ସରପଞ୍ଚ ବିଦ୍ୟାଳୟକୁ ଆସିଥିବା ସରକାରୀ ପାଣ୍ଠିକୁ ଅନ୍ୟ କାର୍ଯ୍ୟରେ ବିନିଯୋଗ କରାଯାଇଥିବା ଅଭିଯୋଗ କରିଛନ୍ତି। କାଶୀନଗର ଗୋଷ୍ଠୀ ଶିକ୍ଷା ଅଧିକାରୀ କେବେ ବିଦ୍ୟାଳୟର ପରିଦର୍ଶନରେ ଆସୁ ନ ଥିବା ଏବଂ ଦାୟିତ୍ୱରେ ଥିବା ସିଆରସି ବିଦ୍ୟାଳୟର ଅସୁବିଧା ପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କହିଛନ୍ତି। ଜିଲା ପ୍ରଶାସନ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ନିର୍ମାଣ ନିମନ୍ତେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଦାବି କରିଛନ୍ତି।

## ଚୋରା ନିଶା କାରବାର ରୋକିବାକୁ ସମୀକ୍ଷା

# ଅବକାରୀ, ରାଜସ୍ୱ, ପୋଲିସର ମିଳିତ ଚଢ଼ାଉ ହେବ

ଭଞ୍ଜନଗର,୨୯।୮(ବାବୁଲା ପ୍ରଧାନ): ଟିକିଟିରେ ମଦମୃତ୍ୟୁ ପରେ ଜିଲା ପ୍ରଶାସନ ପକ୍ଷରୁ ଚୋରା ନିଶା କାରବାର ରୋକିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ଆଗାମୀ ଦିନରେ ଜିଲାର ଅନ୍ୟ ଅଞ୍ଚଳରେ ଯେଭଳି ମଦମୃତ୍ୟୁ ନହେବ ସେଥିପାଇଁ ବାରମ୍ବାର ସମୀକ୍ଷା ହେଉଛି। ଏହି କ୍ରମରେ ଗୁରୁବାର ଭଞ୍ଜନଗର ଉପ ଜିଲାପାଳ ଅନିଲ କୁମାର ସେଠୀଙ୍କ ଅଧକ୍ଷତାରେ ସମୀକ୍ଷା ବୈଠକ ହୋଇଥିଲା। ବୈଠକରେ ଅବକାରୀ, ରାଜସ୍ୱ ଏବଂ ପୋଲିସ ବିଭାଗର ଅଧିକାରୀମାନେ ଯୋଗଦେଇ ଆଲୋଚନା କରିଥିଲେ। ଆଗାମୀ ଦିନରେ ଉପଖଣ୍ଡର ବିଭିନ୍ନ ସ୍ଥାନରେ ମିଳିତ ଭାବେ ଚଢ଼ାଉ କରାଯାଇ ଚୋରାମଦ କାରବାରକୁ ରୋକିବା ପାଇଁ ଉପଜିଲାପାଳ ସେଠୀ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଗତ ମାସରେ ଅବକାରୀ ବିଭାଗ ପକ୍ଷରୁ ଉପଖଣ୍ଡରେ ୭୮ଟି ମାମଲା ରୁଜୁ କରାଯାଇ ୬୫ ଜଣଙ୍କୁ ଗିରଫ କରଯାଇଛି। ଆଗାମୀ ଦିନରେ ଚଢ଼ାଉକୁ ଆହୁରି ଜୋରଦାର କରାଯିବ। ବର୍ତ୍ତମାନ ଚଢ଼ାଉ ଜୋରଦାର ପରେ ଚୋରା ମଦ ବ୍ୟବସାୟୀମାନେ ଆତଙ୍କିତ ହୋଇପଡିଛନ୍ତି। ବୈଠକରେ ତହସିଲଦାର ଉମା ଶଙ୍କର ବେହେରା, ଅତିରିକ୍ତ ଉପ ଜିଲାପାଳ ବିଶ୍ୱ ରଞ୍ଜନ କର, ଭଞ୍ଜନଗର ଅବକାରୀ ଆଇଆଇସି ଡମ୍ବରୁଧର ହରିଜନ, ଭଞ୍ଜନଗର ଅବକାରୀ ଓଆଇସି ଅଲିଭା ମାଝୀ, ସୋରଡା ଓଆଇସି ରାକେଶ ଖୁଣ୍ଟିଆ, ବୁଗୁଡ଼ା ଓଆଇସି ମୋଜି ଶବର, ଆସିକା ଓଆଇସି ରବୀନ୍ଦ୍ର ନାଥ ବିଶାଳଙ୍କ ସମେତ ଉପଖଣ୍ଡର ସମସ୍ତ ତହସିଲଦାର ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# କ୍ରୀଡ଼ା ଦିବସରେ ଭଲିବଲ ପ୍ରତିଯୋଗିତା



ଦୁଇ ଦଳର ଖେଳାଳିଙ୍କ ଗହଣରେ ଅତିଥିମାନେ।

ଭଞ୍ଜନଗର,୨୯।୮(ବାବୁଲା ପ୍ରଧାନ): ଜାତୀୟ କ୍ରୀଡ଼ା ଦିବସ ଅବସରରେ ଗୁରୁବାର ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ଯୁକ୍ତ ୨ ଏବଂ ଯୁକ୍ତ ୩ ଟିମ ମଧରେ ଭଲିବଲ ପ୍ରତିଯୋଗିତା ହୋଇଥିଲା। ଯୁକ୍ତ ୨ ଟିମ ୩-୨ ସେଟରେ ବିଜୟୀ ହୋଇଛି। କଲେଜ ଅଧକ୍ଷ ରାଜେନ୍ଦ୍ର କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ପ୍ରାଧାପକ ବିଭାସ ଦାସ, ଡ. ରବୀନ୍ଦ୍ର ମିଶ୍ର, ଅଧାପକ ସୁନୀଲ ଦାସ, ସୁନାମ ପାତ୍ର, ସିମାଞ୍ଚଳ ବେହେରା, ବିଦେଶୀ ରାଉତ, ବିଭୂତି ଗୌଡ, ରାଜୁ ଶବର , ଫିଲିପ କୁମାର ମଲ୍ଲିକ, ମୁଖ୍ୟ କିରାଣୀ ଦାମୋଦର ରଥ,ଅଧାପିକା ସୁନିତା ରାଣୀ ଖଣ୍ଡୁଆଳ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡା ଦିବସ ଅବସରରେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ କଲେଜରେ ଛାତ୍ରୀଛାତ୍ରଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ହେବ। ଭାରପ୍ରାପ୍ତ କ୍ରୀଡା ଶିକ୍ଷକ ପି. ରମେଶ, ବରିଷ୍ଠ କ୍ରୀଡା ପ୍ରଶିକ୍ଷକ ପି. ଆନନ୍ଦ ରାଓ, ମୋଚିରାମ ରଣସିଂହ, ରାଧାକୃଷ୍ଣ ନାୟକ, ପ୍ରହରାଜ ପ୍ରମୁଖ ଖେଳକୁ ପରିଚାଳନା କରିଥିଲେ।

# ଖୋର୍ଦ୍ଧା ଜିଲା ପଞ୍ଚାୟତିରାଜ ନିର୍ବାଚିତ ପ୍ରତିନିଧିଙ୍କ ଦାରିଙ୍ଗବାଡି ପରିଦର୍ଶନ

ଦାରିଙ୍ଗବାଡି, ୨୯।୮ (ଅରୁଣ ସାହୁ)



ଦାରିଙ୍ଗବାଡ଼ିରେ ଖୋର୍ଦ୍ଧା ଜିଲାର ପଞ୍ଚାୟତିରାଜ ଲୋକପ୍ରତିନିଧି ଓ କର୍ମକର୍ତ୍ତା ।

ଖୋର୍ଦ୍ଧା ଜିଲାର ୪୦ଜଣିଆ ପଞ୍ଚାୟତିରାଜ ଲୋକ ପ୍ରତିନିଧି ଓ କର୍ମକର୍ତ୍ତାମାନେ ୨ ଦିନିଆ କନ୍ଧମାଳ ଜିଲା ଗସ୍ତରେ ଆସିଛନ୍ତି। ସେମାନେ ଦାରିଙ୍ଗବାଡ଼ି ଗସ୍ତ କରି ପ୍ରଥମେ ଜାଗୃତି ପରିସରରେ ଚାଲିଥିବା ପାରମ୍ପରିକ ବିହନ ପ୍ରଦର୍ଶନ ବୁଲି ଦେଖିବା ସହ ବିହନ ସମ୍ପର୍କରେ ବୁଝିଥିଲେ। ସେହିପରି ପ୍ରକୃତି ଉଦ୍ୟାନ, ହିଲଭ୍ୟୁ ପାର୍କ, ଡୁଲୁରୀ ପାଇନବଣ, କଫି ବଗିଚା ସମେତ କଫି କାଫେ ଓ ହଳଦୀ ଚାଷ ସମେତ ହଳଦୀ ପ୍ରସ୍ତୁତୀ, ଜନଜାତିଙ୍କ ଚଳଣି ଆଦି ବୁଲିଦେଖିବା ସହ ଏଠାକାର ବିଭିନ୍ନ ପର୍ଯ୍ୟଟନର ବିକାଶ କାର୍ଯ୍ୟ ଓ ବିଭିନ୍ନ ସରକାରୀ ଯୋଜନାର ପ୍ରକଳ୍ପ ଗୁଡିକ ପରିଦର୍ଶନ କରିଥିଲେ। ଲୋକପ୍ରତିନିଧିମାନଙ୍କୁ କନ୍ଧମାଳ ଜିଲା ପରିଷଦର ପ୍ରୋଜେକ୍ଟ ମ୍ୟାନେଜର ସ୍କିଲ ଡେଭଲପମେଣ୍ଟର ଅଧିକାରୀ ମନୋଜ ପ୍ରଧାନ, ବିଡିଓ ଗଦାଧର ପାତ୍ର, ଏପିଓ କେଦାର ଚନ୍ଦ୍ର ପଣ୍ଡା ପ୍ରମୁଖ ଗାଇଡ଼ କରିଥିଲେ। ଏହି ଲୋକପ୍ରତିନିଧି ଦଳରେ ଖୋର୍ଦ୍ଧା ଜିଲା ପରିଷଦର ଉପାଧକ୍ଷ ଗୋପୀନାଥ ମହାରଣା, ସଦସ୍ୟ ପ୍ରଦୀପ୍ତ କୁମାର ଛୋଟରାୟ, ବାଣପୁର ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣ ସିଂ, ଚିଲିକା ବ୍ଲକ ଅଧକ୍ଷା ଜୋସ୍ନା ବେହେରା, ବେଗୁନିଆ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଟାଙ୍ଗିର ରିସନା ମାଧନ୍ତା, ବାଲିଅନ୍ତା ସରପଞ୍ଚ ବିଶ୍ୱଜିତ ଭୋଇ, ବାଲିପାଟଣା ସରପଞ୍ଚ ନର୍ଗିସ ବେଗମ, ବାଣପୁର ବ୍ଲକ ନନ୍ଦପୁର ସରପଞ୍ଚ ପୁଷ୍ପମିତ୍ରା ଖୁଣ୍ଟିଆଙ୍କ ସମେତ ବିଭିନ୍ନ ବ୍ଲକ ଓ ପଞ୍ଚାୟତ ସ୍ତରର ଲୋକପ୍ରତିନିଧି ଓ କର୍ମଚାରୀ ପରିଭ୍ରମଣ କରି ଦାରିଙ୍ଗବାଡି କଫିକୁ ପ୍ରଶଂସା କରିଥିଲେ। ସୂଚନା ଯୋଗ୍ୟ, ଉକ୍ତ ପ୍ରତିନିଧି ଦଳ ପୂର୍ବରୁ ଜିଲାର ଫୁଲବାଣୀ ଓ ଫିରିଙ୍ଗିଆ ବ୍ଲକର ବିଭିନ୍ନ ପ୍ରକଳ୍ପ ବୁଲିଦେଖିବା ପରେ ଦାରିଙ୍ଗବାଡିରେ ପହଞ୍ଚିଥିଲେ ଓ ସନ୍ଧ୍ୟାରେ ପୁଣି ଫୁଲବାଣୀ ଫେରିଯାଇଥିଲେ।

## ବଲସକୁମ୍ପାରେ ଭାଜପାର ସଦସ୍ୟତା ଅଭିଯାନ କର୍ମଶାଳା

ଖଜୁରିପଡ଼ା, ୨୯।୮(ବିଦୁର ବେହେରା) ଖଜୁରିପଡ଼ା ବ୍ଲକ୍ ଅନ୍ତର୍ଗତ ବଲସକୁମ୍ପାରେ ଭାଜପାର ସଦସ୍ୟତା ଅଭିଯାନ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ରାଜେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ହୋଇଥିବା ଏହି କର୍ମଶଳା ସ୍ଥାନୀୟ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ହୋଇଥିଲା। କର୍ମଶାଳାରେ ମଣ୍ଡଳ ସଭାପତି ପ୍ରଭାରୀ ଗୋଲକ ବିହାରୀ କହଁର, ସୁବାସ ଜାନି, ବିଜୟ ସାହୁ, ଜିତେନ୍ଦ୍ର ବର୍ଗତ୍ତି, ଭଗାନ ଗୁରୁ ପ୍ରମୁଖ ଯୋଗଦେଇଥିଲେ। ଭାଜପା ସରକାର ଗଠନ ପାଇଁ କିଭଳି ପୂର୍ବରୁ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ କରାଯାଉଥିଲା ମଣ୍ଡଳ ପ୍ରଭାରୀ କହଁର ଗୁରୁତ୍ୱାରୋପ କରିଥିଲେ। ପୁଣି ଥରେ ଭାଜପା ଆଗାମୀ ଦିନରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନରେ ସଫଳତା ଆଣିବା ନେଇ ସେ ଗୁରୁତ୍ୱାରୋପ କରିଥିଲେ। ସେପ୍ଟେମ୍ବର ୧ରେ ସଦସ୍ୟତା ଅନ୍‌ଲାଇନ ଟୋଲ୍ ଫ୍ରି ନମ୍ବର ୮୮୦୦୦୦୨୦୨୪ ସର୍ବଭାରତୀୟ ସ୍ତରରେ ଉଦ୍‌ଘାଟନ ହେବାପରେ ୨ରୁ ସମସ୍ତ ଭାଜପା ସମର୍ଥକଙ୍କୁ ସେଥିରେ ଯୋଡ଼ିବା ପାଇଁ କହଁର ପରାମର୍ଶ ଦେଇଥିଲେ।

# ବିବାଦୀୟ ଜମିରେ ଚାରା ରୋପଣ ଅଭିଯୋଗ

ଧରାକୋଟ,୨୯।୮(ବିଷ୍ଣୁ କେଶରୀ ଆଚାର୍ଯ୍ୟ)





ଧରାକୋଟ ତହସିଲ ଅନ୍ତର୍ଗତ ଘୋଡ଼ାପଲି ଗ୍ରାମବାସୀ ଜାନିବିଲି ମୌଜାରେ ଥିବା ବିବାଦୀୟ ଜମିରେ ଚାରା ରୋପଣ କରିଥିବା ଅଭିଯୋଗ ହୋଇଛି। ଜାନିବିଲି ମୌଜାରେ ରହିଥିବା ଖାତା ନମ୍ବର ୪୧୩ ଓ ପ୍ଲଟ ନମ୍ବର ୬୪୯ରେ ରହିଥିବା ୭ ଏକର ଅନାବାଦୀ ପର୍ବତ କିସମ ଜମିରେ ଘୋଡ଼ାପଲିବାସୀ ୫୦୦ ଚାରା ରୋପଣ କରିବା ପରେ ବିବାଦୀୟ ପରିସ୍ଥିତି ଦେଖାଦେଇଛି। ଏ ସମ୍ପର୍କରେ ଜାନିବିଲି ଗ୍ରାମର ପ୍ରାୟ ୩୦୦ ପୁରୁଷ ଓ ମହିଳା ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି ଓ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଘୋଡ଼ାପଲି ଗାଁ ଲୋକଙ୍କ ଦ୍ୱାରା ଚାରାରୋପଣ କରାଯାଇଥିବା ଅଞ୍ଚଳ ଜାନିବିଲି ଗାଁ ଲୋକଙ୍କ ଅଧୀନରେ ଦୀର୍ଘ ଦିନ ଧରି ରହିଥିବା ଦର୍ଶାଇ ଆମ ଜମି ଆମକୁ ଫେରାଇଦିଆଯାଉ ବୋଲି ଦାବି କରିଛନ୍ତି। ପ୍ରକାଶ ଯୋଗ୍ୟ, ୧୯୯୦ରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟାରେ ଘୋଡ଼ାପଲି ଗାଁ ସମ୍ପୂର୍ଣ୍ଣ ଭାସିଯିବା ପରେ ଟାଟା କମ୍ପାନୀ ପକ୍ଷରୁ ଜାନିବିଲି ମୌଜାରେ ସେମାନଙ୍କୁ ବାସଗୃହ ଯୋଗାଇ ଦିଆଯାଇଛି। ଏହି ରିଲିଫ ଗ୍ରାମ ଘୋଡ଼ାପଲି ଚାରିପଟେ ଜାନିବିଲି ଗାଁ ଲୋକଙ୍କ ତରଫରୁ ଚାରା ରୋପଣ କରାଯାଇ ଏଥିରୁ ଆଦାୟ ଅର୍ଥରେ ଜାନିବିଲି ଗାଁ ଲୋକେ ବିଭିନ୍ନ ପର୍ବ ପର୍ବାଣି ପାଳନ କରି ଆସୁଛନ୍ତି। ସମ୍ପ୍ରତି ଚଳିତ ବର୍ଷ ଘୋଡାପଲି ଗାଁ ଲୋକଙ୍କ ଦ୍ୱାରା ଏହି ଜମିରେ ଚାରା ରୋପଣ କରାଯାଇଥିବାରୁ ଏହା ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ତହସିଲଦାର ଲମ୍ବୋଦର ମାରାଣ୍ଡି ଧରାକୋଟ ରାଜସ୍ୱ ନୀରିକ୍ଷକ ଯଜ୍ଞ ନାରାୟଣ ନାୟକ ଓ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ରାଜେଶ ବଳଙ୍କୁ ପଠାଇ ବିବାଦୀୟ ସ୍ଥାନର ତଥ୍ୟ ସଂଗ୍ରହ କରିଛନ୍ତି। ଘଟଣା ସମ୍ପର୍କରେ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିବା ବେଳେ ଏହି ଜମି ସରକାରୀ ଖାତାରେ ରହିଛି। ଏଣୁ ସରକାରଙ୍କ ନିୟମ ଅନୁଯାୟୀ ଏହି ଜମିକୁ ତାର ବାଡ ଘେର କରାଯାଇ ଜବରଦଖଲ ମୁକ୍ତ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ରାଇକିଆ ପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ

ରାଇକିଆ,୨୯।୮(ପ୍ରଦୀପ ବେହେରା) ରାଇକିଆ ପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ନୂତନ ସଭାପତି ଭାବେ ସତ୍ୟବାନ ପାତ୍ର, ଉପ ସଭାପତି ଭାବେ ବିଜୟ ପଣ୍ଡା, ରାମକୃଷ୍ଣ ପାତ୍ର, ବାବୁଲା ପଟ୍ଟନାୟକ, ଅଭିମନ୍ୟୁ ପଣ୍ଡା, ପ୍ରକାଶ ଚନ୍ଦ୍ର ପଣ୍ଡା, ସଧାରଣ ସମ୍ପାଦକ ଭାବେ ସନ୍ତୋଷ କୁମାର ଲେଙ୍କା, ସମ୍ପାଦକ ଭାବେ କୃଷ୍ଣ ମହାନ୍ତି, କୋଷାଧକ୍ଷ ଭାବେ ସୁରେନ୍ଦ୍ର ପଣ୍ଡା, ସଙ୍ଗଠନ ସମ୍ପାଦକ ଭାବେ ନାରାୟଣ ପାତ୍ର, ମିହିର ମହାପାତ୍ର, ଅରବିନ୍ଦ ଲେଙ୍କା, କ୍ଷେତ୍ରବାସୀ ପାତ୍ର, ବିଷ୍ଣୁ ପାଣିଗ୍ରାହୀ, ଉପଦେଷ୍ଟା ଭାବେ ଦୁର୍ଯୋଧନ ଲେଙ୍କା, ପଦ୍ମ ଚରଣ ପଣ୍ଡା, ମଙ୍ଗୁଲୁ ଚରଣ ପାତ୍ର, ଶ୍ରୀଧର ଦାସ, ପୂର୍ବତନ ବିଧାୟକ ମନୋଜ ପ୍ରଧାନ, ରାଜମୋହନ ଦିଗାଲ, ସୁଶୀଲ ଚନ୍ଦ୍ର ତ୍ରିପାଠୀ, ପ୍ରଭାକର ପାଢ଼ୀ, ମୋଚିରାମ ଜେନା, ପୂର୍ଣ୍ଣ ଚନ୍ଦ୍ର ପାତ୍ର, ସନ୍ତୋଷ ପାଢ଼ୀଙ୍କୁ ମନୋନୀତ

# ପାରମ୍ପରିକ ଚାଷରେ ମହିଳାଙ୍କୁ ନେଇ ସମାବେଶ

## ଜୈବିକ ଓ ପାରମ୍ପରିକ ଚାଷ ପାଇଁ ମହିଳାଙ୍କୁ ସ୍ୱୀକୃତି ଦାବି

ଦାରିଙ୍ଗବାଡ଼ି, ୨୯।୮(ଅରୁଣ ସାହୁ ) ଦାରିଙ୍ଗବାଡ଼ି ବ୍ଲକ ଜାଗୃତି ଅନୁଷ୍ଠାନ ପରିସରରେ ଗୁରୁବାର ପାରମ୍ପରିକ ଚାଷରେ ମହିଳାଙ୍କୁ ନେଇ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମହିଳା ଚାଷୀଙ୍କୁ ସ୍ୱାବଲମ୍ବୀ କରାଯିବା ସହ ସେମାନଙ୍କୁ ସ୍ୱୀକୃତି ଦେବା ପାଇଁ ପାରମ୍ପରିକ ଓ ଜୈବିକ ଚାଷକୁ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ଅଞ୍ଚଳରେ ଜୈବ ଓ ପାରମ୍ପରିକ କୃଷି ମହିଳା ଉତ୍ପାଦକ, ଏସ୍‌ଏଚ୍‌ଜି ଓ ବ୍ୟକ୍ତିଗତ ୩୦ ଦଳ ବିହନ ପ୍ରଦର୍ଶନୀ କରିବାରେ ଶତାଧିକ ଚାଷୀ ଯୋଗ ଦେଇ ବିଭିନ୍ନ ପ୍ରକାର ଶସ୍ୟ, ଖୁଦ୍ରଦାନା ଶସ୍ୟ, ଡାଲିଜାତୀୟ ବିହନ ସମେତ ବିଭିନ୍ନ ଫଳମୂଳର ବିହନ, ଜଙ୍ଗଲରୁ ସଂଗୃହୀତ ପାରମ୍ପରିକ ଖାଦ୍ୟ ଓ ତା'ର ବିହନ ପ୍ରଦର୍ଶନ କରିଥିଲେ। ଏଥିରେ ୧୩୦ ପ୍ରକାର ବିହନ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ବିହନ ପ୍ରଦର୍ଶନ, ଉତ୍ତମ ପ୍ରଦର୍ଶନକାରୀଙ୍କୁ ଚୟନ ସହ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଥିଲା। ଏହା ଜାଗୃତି ଓ ଏନଏଡବ୍ଲ୍ୟୁ ପକ୍ଷରୁ ମିଳିତ ଆୟୋଜନ କରାଯାଇଥିଲା। ଏଥିରେ ଜାଗୃତିର ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅତିଥିଭାବେ ଦାରିଙ୍ଗବାଡି ବିଡିଓ ଗଦାଧର ପାତ୍ର, ଏପିଓ କେଦାର ଚନ୍ଦ୍ର ପଣ୍ଡା, ନ୍ୟାଶନାଲ ଆଲାଏନ୍ସ ମହିଳା ସଙ୍ଗଠନର ସମ୍ପାଦକ ମଞ୍ଜୁଳା ସ୍ୱାଇଁ ଓ ତାଙ୍କ ଅନ୍ୟ ସହଯୋଗୀ ସଂଯୋଜିକା ସନ୍ଧ୍ୟାରାଣୀ ଦାସ, ଯଶସ୍ୱିନୀ ମହାନ୍ତି, ଅର୍ପିତା ମହାନ୍ତି, ବିଶାଖା ଭଞ୍ଜ ପ୍ରମୁଖ ପ୍ରଦର୍ଶନୀ ସ୍ଥଳ ବୁଲି ଦେଖିଥିଲେ। ଭଲ ପ୍ରଦର୍ଶନ କରିଥିବା ଦଳକୁ କୋଦଳା, ସାବଳ ପୁରସ୍କାର ଭାବେ ପ୍ରଦାନ କରାଯାଇଥିବା ବେଳେ ଅଂଶ ଗ୍ରହଣ କରିଥିବା ସମସ୍ତ ଦଳକୁ ପ୍ରୋତ୍ସାହନ ପାଇଁ ପୁରସ୍କାର ଦିଆଯାଇଥିଲା। ସେମାନଙ୍କ ମଧରେ ଗିରିବାଲି ଉତ୍ପାଦକ ଦଳ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦ୍ୱିତୀୟ ସ୍ଥାନରେ ମହାଲକ୍ଷ୍ମୀ ମହିଳା ଗ୍ରୁପ, ତୃତୀୟ ସ୍ଥାନରେ କୃତାଞ୍ଜଳି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପୁରସ୍କୃତ ହୋଇଛନ୍ତି। ସେହିପରି ବ୍ୟକ୍ତିଗତ ପ୍ରତିଯୋଗୀ ଭାବେ ପ୍ରଥମ ସ୍ଥାନରେ ବିଳାସିନୀ କାହ୍ନର, ଦ୍ୱିତୀୟ ନମଜିନୀ ପ୍ରଧାନ ଏବଂ ତୃତୀୟ ସ୍ଥାନରେ ମେନକା ପ୍ରଧାନ କୃତିତ୍ୱ ଅର୍ଜନ କରିଛନ୍ତି।

# ଆବାସିକ ବିଦ୍ୟାଳୟ ସମସ୍ୟା ନେଇ ଜିଲାପାଳଙ୍କୁ ସାକ୍ଷାତ

ଫୁଲବାଣୀ, ୨୯।୮(ରାକେଶ କୁମାର ରାଉତ)



ଦାରିଙ୍ଗବାଡ଼ିରେ ............................

କନ୍ଧମାଳ ଜିଲାର ଆବାସିକ ବିଦ୍ୟାଳୟର ଗୁଡ଼ିକର ବିଭିନ୍ନ ସମସ୍ୟା ନେଇ ଜିଲା କୁଇ ସମାଜ ଯୁବପରିଷଦ ତରଫରୁ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟିଛନ୍ତି। ସେମାନେ ସମସ୍ୟାର ସମାଧାନ ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଦ୍ୟାଳୟ ଗୁଡ଼ିକରେ ନିୟମିତ ଶିକ୍ଷକମାନଙ୍କର ଅଭାବ ରହିଲେ ମଧ ଆବଶ୍ୟକ ଅନୁଯାୟୀ ଶିକ୍ଷକ ନିଯୁକ୍ତି କରାଯାଉ ନାହିଁ। ଶିକ୍ଷକମାନେ ଗୋଟିଏ ବିଦ୍ୟାଳୟରେ ୧୦ରୁ ୧୫ ବର୍ଷ ହେବ ଅଛନ୍ତି, ଫଳରେ ସେମାନେ ମନ ଇଛା କାର୍ଯ୍ୟ କରୁଥିବା ବେଳେ ଠିକରେ ଶିକ୍ଷା ଦାନ ମଧ କରୁନାହାନ୍ତି। ତେଣୁ ସେମାନଙ୍କୁ ଅନ୍ୟ ବିଦ୍ୟାଳୟକୁ ବଦଳି କରାଯିବା ଆବଶ୍ୟକ। ବିଦ୍ୟାଳୟରେ ଖେଳ ଶିକ୍ଷକମାନେ ପିଲାଙ୍କ ଶାରୀରିକ ବ୍ୟାୟାମ ଓ ଖେଳ କୁଦ ପ୍ରତି ଧ୍ୟାନ ଦେଉନଥିବାରୁ ପିଲାମାନେ ଖେଳ ସରଞ୍ଜାମ ଏବଂ ପ୍ରଶିକ୍ଷଣ ପାଇପାରୁ ନାହାଁନ୍ତି। ଏଣୁ ସମସ୍ତ ବିଦ୍ୟାଳୟ ଖେଳ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଉ ସେମାନେ ନିଜର କର୍ତ୍ତବ୍ୟ ଠିକ ସେ ପାଳନ କରିବେ। ସରକାରୀ ନିୟମରେ ଆବାସିକ ବିଦ୍ୟାଳୟରେ ସ୍ପେଶିଆଲ କ୍ଲାସ ଓ ଗାଇଡ କ୍ଲାସ ଥିବା ବେଳେ ତାହା କରାଯାଉ ନାହିଁ । ତାହା ବାଧତାମୂଳକ ମୂଳକ କରାଯାଉ ନହେଲେ ଛାତ୍ରୀଛାତ୍ରମାନଙ୍କର ଶିକ୍ଷାରେ ଉନ୍ନତି ହେଉନାହିଁ। କିଛି ଶିକ୍ଷକ ବଜାର ଠାରୁ ବହୁ ଦୂରରେ ନିଯୁକ୍ତି ଦିଆଯାଇ ଥିବାରୁ ସେମାନେ ବିଦ୍ୟାଳୟକୁ ନିୟମିତ ଆସୁନାହାନ୍ତି। ଏହି ଶିକ୍ଷକ ବହୁ ବର୍ଷ ପରେ ମଧ ବଦଳି ନହେବା ଫଳରେ ସେମାନେ ଶିକ୍ଷାଦାନ ପ୍ରତି ଆଗ୍ରହ ରହୁନାହିଁ । ତେଣୁ ନିୟମିତ ବଦଳି ଧାରାକୁ ଠିକ ଭାବେ ଲାଗୁ କରିବାକୁ ଦାବିପତ୍ରରେ ଉଲେଖ କରାଯାଇଛି। କୁଇ ସମାଜ ଯୁବପରିଷଦ ତରଫରୁ ସାଧାରଣ ସମ୍ପାଦକ ଅଚ୍ୟୁତ ଯାନୀ, ବିଚିତ୍ର ବୀର୍ଯ୍ୟ ପ୍ରଧାନ, ଗୋଲକ ବିହାରୀ କହଁର ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

# ଗ୍ରାମାଞ୍ଚଳ କ୍ରୀଡ଼ା ବିକାଶ ନେଇ ନାହିଁ ଭିତ୍ତିଭୂମି

### ନଗର, ମହାନଗରରେ ସୀମିତ କ୍ରୀଡ଼ା ଅନୁଦାନ



ସୋରଡା,୨୯।୮(ରଜନୀ ମହାପାତ୍ର) ଜାତୀୟ କ୍ରୀଡ଼ା ଦିବସ ଭାବେ ଅଗଷ୍ଟ ୨୯କୁ ସମଗ୍ର ଭାରତରେ ପାଳନ କରାଯାଏ। ହକିର ଯାଦୁକର ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିବସକୁ କ୍ରୀଡ଼ା ଦିବସ ରୂପେ ପାଳନକରି କ୍ରୀଡ଼ା କ୍ଷେତ୍ରରେ ପ୍ରୋତ୍ସାହନ ଦେବା, କ୍ରୀଡ଼ା ମାଧମରେ ଏକତାର ବାର୍ତ୍ତା ପ୍ରଚାର କରିବା ଏହାର ଲକ୍ଷ୍ୟ। ତେବେ ଏହି କ୍ରୀଡ଼ାର ବିକାଶ ପାଇଁ ଏବେ ସୁଦ୍ଧା କ୍ରୀଡ଼ାବିତ୍‌ଙ୍କ ପାଇଁ ଭିତ୍ତିଭୂମିର ଅଭାବ ରହିଥିବା ଅଭିଯୋଗ ହେଉଛି। ହକିର ବିକାଶ ପାଇଁ ଆସୁଥିବା ଅନୁଦାନ କେବଳ ନଗର ଓ ମହାନଗର ଭିତରେ ସୀମିତ ରହୁଥିବା କ୍ରୀଡ଼ାପ୍ରେମୀମାନେ ପ୍ରକାଶ କରିଛନ୍ତି। ଏହି କ୍ରୀଡ଼ାଦିବସକୁ ଉତ୍ସାହର ସହ ପାଳନ କରିବା ପାଇଁ ଗ୍ରାମାଞ୍ଚଳରେ କୌଣସି ବ୍ୟବସ୍ଥା ନାହିଁ। ଗ୍ରାମାଞ୍ଚଳରୁ କ୍ରୀଡ଼ା ପ୍ରତିଭା ଖୋଜିବା ଏକପ୍ରକାର ସ୍ୱପ୍ନ ପାଲଟିଲାଣି। ଏପରି ଅବ୍ୟବସ୍ଥା ଗଞ୍ଜାମ ଜିଲା ସୋରଡ଼ାରେ ଦେଖିବାକୁ ମିଳିଛି। ସୋରଡ଼ାର ଗ୍ରାମାଞ୍ଚଳରେ କ୍ରୀଡ଼ା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଲାଣି। କ୍ରୀଡ଼ାର ଉନ୍ନତି ଲାଗି ସୋରଡ଼ାରେ ୧୯୯୬ରେ ତତ୍କାଳୀନ ଏମ୍‌ପି ପାଣ୍ଠିରୁ ଏକ ଷ୍ଟାଡିୟମ ନିର୍ମାଣ ହୋଇଥିଲା। ତେବେ ଭୂମିଠାରୁ ନିମ୍ନରେ ଷ୍ଟାଡିୟମ ରହିଥିବାରୁ ବର୍ଷ ତମାମ ଏଠାରେ ପାଣିଜମି ରହୁଛି। ବର୍ଷକୁ ୨/୩ ମାସ ମଧ ଏଠାରେ ଖେଳ ହୋଇପାରୁନାହିଁ। ଷ୍ଟାଡିୟମ ନିର୍ମାଣ ବେଳେ ଏହାର ଦୈର୍ଘ୍ୟ ଓ ପ୍ରସ୍ଥ ଭିତରେ ସମାନତା ରଖାଯାଇନାହିଁ। ଏହାର ପ୍ରସ୍ଥ ୪୦ ରୁ ୫୦ ମିଟର ରହିଥିବା ବେଳେ ଦୈର୍ଘ୍ୟ ୧୫୦ ମିଟର ରହିଛି। ଫଳରେ ଏଠାରେ କ୍ରିକେଟ ଖେଳିବା ସମ୍ଭବ ହେଉନାହିଁ। ସୋରଡ଼ା ଋଷିକୁଲ୍ୟା କ୍ରିକେଟ କ୍ଲବ୍ ପକ୍ଷରୁ ପ୍ରତିବର୍ଷ ହେଉଥିବା କ୍ରିକେଟ ଟୁର୍ନାମେଣ୍ଟ ଏବେ ବନ୍ଦ ରହିଛି। ଚାରିଆଡେ ଗୋଡି ଓ ବଜୁରି ପଡିଥିବାରୁ ଷ୍ଟାଡିୟମରେ ଖେଳ ଆୟୋଜନ କରିବା ସମ୍ଭବ ହେଉନାହିଁ। ରାସ୍ତା ଓ କୋଠାବାଡ଼ି ବିଭାଗ ଅଧୀନରେ ଥିବା ଏହି ଷ୍ଟାଡିୟମକୁ ନବୀକରଣ କରିବାକୁ ଋଷିକୁଲ୍ୟା କ୍ରିକେଟ କ୍ଲବ୍ ପକ୍ଷରୁ ସରକାରଙ୍କ ନିକଟରେ ବାରମ୍ବାର ଦାବି କରାଯିବା ପରେ ବର୍ତ୍ତମାନ ସୋରଡ଼ା ଏନ୍‌ଏସି ଏଥିପାଇଁ ଏକ ବ୍ୟୟ ଅଟକଳ ପ୍ରସ୍ତୁତ କରି ସରକାରଙ୍କ ନିକଟକୁ ପଠାଇଛି। ଅନ୍ୟପକ୍ଷରେ ସରକାର ଏଠାରେ କରିଥିବା ଇନ୍‌ଡୋର ଷ୍ଟାଡିୟମରେ ଜିମ୍ ସହ ବ୍ୟାଡ୍‌ମିଣ୍ଟନ ଖେଳିବା ବ୍ୟବସ୍ଥା କରିଥିଲେ ମଧ ଏହାର ରକ୍ଷଣାବେକ୍ଷଣ ଅଭିଜ୍ଞ ବ୍ୟକ୍ତିଙ୍କ ହାତରେ ନାହିଁ। ସୋରଡ଼ାରେ ୪୧ ବର୍ଷର ଏକ ପୁରୁଣା କ୍ରିକେଟ କ୍ଲବ୍ ରହିଥିଲେ ସୁଦ୍ଧା ଇନ୍‌ଡୋର ଷ୍ଟାଡିୟମରେ ଏହାର ସହଭାଗିତା ରହୁ ନ ଥିବାରୁ ଏଠାରେ ଥିବା ବିଭିନ୍ନ କ୍ରୀଡ଼ା ସାମଗ୍ରୀ ନଷ୍ଟହେବାକୁ ବସିଲାଣି। ରହିଥିବା ମିନିଷ୍ଟାଡିୟମର ଅବସ୍ଥା ମଧ ଶୋଚନୀୟ ହୋଇପଡ଼ିଲାଣି। ଷ୍ଟାଡିୟମର ପାଚେରି ଓ କାନ୍ଥ ଭୁଶୁଡ଼ିପଡ଼ିବା ଅବସ୍ଥାରେ ପହଞ୍ଚିଲାଣି। ଏଠାରେ ବିଦ୍ୟୁତ୍ ବ୍ୟବସ୍ଥା ମଧ ନାହିଁ। ପରିସରରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି। ଏଥିପାଇଁ ସଚେତନତା ସୃଷ୍ଟି କରାଯିବା ଓ ଭିତ୍ତିଭୂମି ନିର୍ମାଣ କରିବା ଅପରିହାର୍ଯ୍ୟ ହୋଇପଡିଛି ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ସାଧାରଣରେ ମତ ପ୍ରକାଶ ପାଉଛି।

# ସରକାରୀ ଜମି ଜବରଦଖଲ ଉଚ୍ଛେଦ ନିର୍ଦ୍ଦେଶକୁ ବେଖାତିର

■ ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ବଢ଼ି ଚାଲିଛି ଜବରଦଖଲ
■ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହେବା ନେଇ ଆଶଙ୍କା

ପଟ୍ଟାମୁଣ୍ଡାଇ, ୨୯।୮ (କଳ୍ପତରୁ ନାୟକ)

ସରକାରୀ ଜମି ଉପରେ ବଢୁଥିବା ଜବରଦଖଲ ନେଇ ରାଜ୍ୟ ଭାଜପା ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ତୁରନ୍ତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଜବରଦଖଲରେ ଥିବା ସରକାରୀ ଜମିକୁ ଉଚ୍ଛେଦ କରିବା ସହ ଉକ୍ତ ଜମି ଉପରେ ପାଚେରି କିମ୍ବା ତାରବାଡ଼ ଘେରାଇ ସୁରକ୍ଷା ଦେବାକୁ ପ୍ରତ୍ୟେକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ତହସିଲ ଅଧୀନରେ ଦିନକୁଦିନ ଜବରଦଖଲ ବଢୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଉଚ୍ଛେଦ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜବରଦଖଲ ହଟାଅ ନିର୍ଦ୍ଦେଶ ପଟ୍ଟାମୁଣ୍ଡାଇରେ କାମ କରିବ ନା କଚ୍ଛପ ଗତିରେ ଦିନ ଗଡ଼ିବ ତାକୁ ନେଇ ବିଭିନ୍ନ ମହଲରୁ ପ୍ରତିକ୍ରିୟା ପ୍ରକାଶ ପାଇଛି।

ବୁଦ୍ଧିଜୀବୀ ପ୍ରବୀର ନାୟକ କହିଛନ୍ତି, ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ସରକାରୀ ଜମି ଜବରଦଖଲ ସ୍ଥିତି ସଙ୍ଗିନ। କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ସରକାରୀ ଜମିକୁ ହଡ଼ପ କରି ଅସାଧୁ ଉପାୟରେ ଆଗରୁ ବିକ୍ରି କରିବା ସହ ଏବେ ମଧ୍ୟ ବିକ୍ରି କରୁଛନ୍ତି। ଏସବୁ ସ୍ଥାନୀୟ ପ୍ରଶାସନ ନାକ ତଳେ ଚାଲିଥିବା ବେଳେ ସବୁ ଜାଣି ଅଜଣା ହୋଇ ରହୁଛି। ବଜାରର ଦୁଇପାର୍ଶ୍ୱରେ ଥିବା ଜମିକୁ ପ୍ରଭାବଶାଳୀ ବ୍ୟକ୍ତି କବ୍‌ଜା କରି ବ୍ୟବସାୟିକ ପ୍ରତିଷ୍ଠାନ କରିଛନ୍ତି। କିଏ ଗୋଦାମ କରିଛି ତ କିଏ ଘର ତିଆରି କରି ଭଡ଼ା ଲଗେଇଛନ୍ତି। ଆଉ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ସରକାରୀ ଜମିରେ ଘର କରି ଅନ୍ୟକୁ ଲକ୍ଷାଧିକ ଟଙ୍କାରେ ବିକ୍ରି କରିସାରିଛନ୍ତି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଜବରଦଖଲ ସ୍ଥିତି ଏଭଳି ସ୍ଥିତିରେ ପହଞ୍ଚିଲାଣି କାହାର ନଜର ପଡୁନାହିଁ। ବିଶେଷକରି ଜଳାଶୟ, ଗୋଚର, ଆବାଦଯୋଗ୍ୟ ଅନାବାଦୀ, ସଂରକ୍ଷିତ ଜମି, ଜଳ ସମ୍ପଦ ବିଭାଗ ଜମିକୁ ପ୍ରଭାବଶାଳୀ ବ୍ୟକ୍ତିମାନେ ବାଡ଼ କରି ନିଜ ଅକ୍ତିଆରକୁ ନେଇ ସାରିଲେଣି। ଏଭଳି ସ୍ଥିତି ପାଇଁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ପ୍ରଭାବିତ ହେଉଛି। ଅନ୍ୟପକ୍ଷରେ ଜବରଦଖଲ ସମସ୍ୟା ପାଇଁ ସହରର ମୁଖ୍ୟ ରାସ୍ତାରେ ଯାତାୟାତରେ ଅସୁବିଧା ହେଉଛି। ସାମାଜିକ କର୍ମୀ ଉପେନ୍ଦ୍ର ନାୟକ କହୁଛନ୍ତି, ବେଲତଳ, ଦକ୍ଷିଣଦିଆ, ପୋଖରିଆପଡ଼ା ମୌଜାର ଭୂଲେଖ ନକ୍ସାକୁ ମିଳାଇଲେ ବହୁ ସରକାରୀ ଜମି ଜବରଦଖଲରେ ଅଛି।


ପୁରୁଣା ଗୋବରୀ ନଦୀକୁ ପୋତି ଘର ଓ ତାରବାଡ଼ ଦିଆଯାଇଛି।

ଦକ୍ଷିଣଦିଆ ମୌଜାର ଭୂଲେଖ ନକ୍ସା ପ୍ଲଟ ନଂ. ୧୭, ୧୯, ୧୯୦, ୨୫୦, ୩୮୫, ୪୩୩, ୬୪୯, ୫୩୨ ସର୍ବସାଧାରଣ ଥିବାବେଳେ ୨୦, ୯୦, ୯୧, ୯୨, ୨୭୭, ୧୯୯, ୧୭୬, ୫୨୦, ୮୪୩, ୮୨୪, ୬୨୧, ୮୨୮, ୮୬୫ ,୮୪୨, ୬୨୮, ୪୭୧, ୪୭୦, ୫୧୪, ୭୩୧, ୭୨୨, ୭୨୮, ୭୩୦, ୭୬୬, ୭୩୨ ପ୍ଲଟ ନଂ. ଭୂଲେଖ ନକ୍ସାରେ ରକ୍ଷିତ ଜମି। ତେବେ ଏହିସବୁ ଜମିକୁ ଏବେ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଇଛି। ସେହିପରି ପଟ୍ଟାମୁଣ୍ଡାଇ, ପୋଖରିଆପଡ଼ା, ବେଲତଳ ଭୂଲେଖ ନକ୍ସାକୁ ଯଦି ମିଶାଯାଏ ବହୁ ସରକାରୀ ମୂଲ୍ୟବାନ ଜାଗା ଜବରଦଖଲକୁ ଚାଲି ଯାଇଥିବା ଜଣାପଡ଼ିବ। ଏସବୁ ମୌଜାର ସରକାରୀ ଜମି ୧୯୩୦ ଓ ୧୯୮୦ ମସିହାରେ ବନ୍ଦୋବସ୍ତ ସମୟରେ ବ୍ୟାପକ ହେରଫେର ଏବଂ ଚଞ୍ଚକତା କରାଯାଇଥିଲା। ବହୁ ମୂଲ୍ୟବାନ ସରକାରୀ ଜମି, ନଦୀ ଓ ପଠାକୁ ହଡପ କରାଯାଇଛି। ଶାବକ ଓ ହାଲ୍ ଖାତାକୁ ନିରୀକ୍ଷଣ କଲେ ସେଠାରେ ଜମି ଜାଲିଆତିର ପରଦା ଖୋଲିବ ବୋଲି କେତେଜଣ ଲୋକ ୧୯୩୦ ଓ ୧୯୮୦ ମସିହା ନକ୍ସା ବାହାର କରିବା ପାଇଁ ଲାଗି ପଡ଼ିଛନ୍ତି। ଏହି ଜମି ମଧ୍ୟରୁ ଅଧିକାଂଶ ନଦୀ ଓ ଅନାବାଦି କିସମର ହୋଇଥିବାବେଳେ କେତେ ଜଙ୍ଗଲ ଓ ଗୋଚର କିସମ ରହିଛି ବୋଲି ଜଣାପଡିଛି। ଏ ସମ୍ପର୍କରେ ମାନବ ଅଧିକାର କର୍ମୀ ସୁଶାନ୍ତ କୁମାର ଧଳ କହିଛନ୍ତି, ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ରକ୍ଷିତ, ସର୍ବସାଧାରଣ, ନଦୀ, ଗୋଚର ଜମି ଜବରଦଖଲ ଉଚ୍ଛେଦ କରିବାକୁ ପ୍ରଶାସନ ଆଗଭର ହେଉ ନ ଥିବାରୁ ପୂର୍ବରୁ ନୋଟିସ ହୋଇଥିବା ଘରର ଉପର ମହଲା ନିର୍ମାଣ ହେଉଛି। ମୂଲ୍ୟବାନ ସମସ୍ତ ଜମିକୁ ସରକାରୀ ଖାତାକୁ ଫେରାଇ ଆଣିବାକୁ ତହସିଲ କର୍ତ୍ତୃପକ୍ଷଙ୍କ ନିକଟରେ ସାଧାରଣରେ ଦାବି ହେଉଛି। ତେବେ ନୂଆ ସରକାର ଜବରଦଖଲ ହଟାଅ ନିର୍ଦ୍ଦେଶ ପରେ ଜିଲା କିମ୍ବା ତହସିଲ ପ୍ରଶାସନ ଏ ଦିଗରେ କୌଣସି ଆନ୍ତରିକତା ଦେଖାଉ ନାହାନ୍ତି। ଏ ନେଇ ବିଭିନ୍ନ ମହଲରୁ ପ୍ରଶ୍ନ ଉଠିବା ପରେ ଗତ ୨୧ ତାରିଖରେ ପୌର ପରିଷଦ ପକ୍ଷରୁ ଲୋକ ଦେଖାଣିଆ ଉଠା ଦୋକାନ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ହେଲେ ଏବେ ଯଥା ପୂର୍ବ ତଥା ପର ନୀତିରେ ଚାଲିଛି। ଏ ସମ୍ପର୍କରେ ତହସିଲଦାର ପଞ୍ଚାନନ ନାୟକଙ୍କୁ ପଚାରିବାରେ ବର୍ଷାଦିନ ପାଇଁ ଉଚ୍ଛେଦ ପ୍ରକ୍ରିୟା ସମ୍ଭବ ହେଉନାହିଁ, ପରେ ଆଇନ ଅନୁସାରେ ପଦକ୍ଷେପ ନିଆଯାଇ ଜବରଦଖଲ ହଟାଯିବ ବୋଲି ସେ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଜ୍ଞାନେନ୍ଦ୍ର


@ ନରେଶ


@ ସୁଧୀର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


ରତ୍ନଗିରି ବୌଦ୍ଧପୀଠରେ ଜାତୀୟ ସଂଖ୍ୟାଲଘୁ ଆୟୋଗ ସଦସ୍ୟା ଓ ଅନ୍ୟମାନେ।

# ବୌଦ୍ଧପୀଠରେ ଜାତୀୟ ସଂଖ୍ୟାଲଘୁ ଆୟୋଗ ସଦସ୍ୟା

**ବରୀ, ୨୯।୮ (ମହେନ୍ଦ୍ର ସ୍ୱାଇଁ):** ବରୀ ଅଞ୍ଚଳର ପ୍ରସିଦ୍ଧ ବୌଦ୍ଧ ପୀଠ ରତ୍ନଗିରିକୁ ଜାତୀୟ ସଂଖ୍ୟା ଲଘୁ ଆୟୋଗ ସଦସ୍ୟା ରିନ୍‌ଚେନ ଲାମୋ ପରିଦର୍ଶନ କରିଛନ୍ତି। ସେ ଗୁରୁବାର ଏଠାରେ ପହଞ୍ଚିବା ପରେ ବରୀ ତହସିଲଦାର ସାଇଶ୍ରୀ ଲୋକନାଥ ସେଠୀ, ମଣ୍ଡଳ ଉନ୍ନୟନ ଅଧିକାରୀ ପଞ୍ଚାନନ ମଲ୍ଲିକ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀ, ସହକାରୀ ଯନ୍ତ୍ରୀ ସନ୍ଦୀପ ଦାସ, ଯୋଗାଣ ନିରୀକ୍ଷକ ସୂର୍ଯ୍ୟକାନ୍ତ ବେହେରା, ବୌଦ୍ଧ ପୀଠ ସଂଗ୍ରହାଳୟର ମୁଖ୍ୟ ଅତୁଲ ତରାଇ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ। ଏହି ପୀଠର ଇତିହାସକୁ ଆଗାମୀ ପିଢ଼ି ଯେଭଳି ମନେ ରଖିବେ ସେ କ୍ଷେତ୍ରରେ ସରକାରଙ୍କୁ ଅବଗତ କରିବେ ବୋଲି ସେ ମତ ରଖିଥିଲେ। ରିବେନଙ୍କ ପରିଦର୍ଶନେବେଳେ ଜିଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା ଓ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୁକାନ୍ତ ମାଧବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଆଉ କେବେ ନୁହେଁ, ଲିଖିତ ପ୍ରତିଶ୍ରୁତି ଦେଲେ ଅଭିଭାବକ

**ହାଇସ୍କୁଲରେ ପାକିସ୍ତାନ ଜିନ୍ଦାବାଦ ସ୍ଲୋଗାନ ଘଟଣା**

କେନ୍ଦ୍ରାପଡ଼ା/ପାଟକୁରା, ୨୯।୮
(ଜଗନ୍ନାଥ ଧଳ/ରବୀନ୍ଦ୍ର କୁମାର ବାରିକ)

ସ୍ୱାଧୀନତା ଦିବସ ପାଳନ ସମୟରେ କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ଅଧୀନ ଏକ ପୁରାତନ ହାଇସ୍କୁଲରେ ପାକିସ୍ତାନ ଜିନ୍ଦାବାଦ ସ୍ଲୋଗାନ ଦିଆଯାଇଥିଲା। ଏହି ସମ୍ବେଦନଶୀଳ ଘଟଣାକୁ ଶିକ୍ଷା ବିଭାଗର ଜିଲାସ୍ତରୀୟ ଅଧିକାରୀ ଗୁରୁବାର ତଦନ୍ତ କରିଛନ୍ତି। ଭବିଷ୍ୟତରେ ଆଉ କେବେ ପିଲାମାନେ ଏପରି ସ୍ଲୋଗାନ ଦେବେ ନାହିଁ ବୋଲି ଅଭିଭାବକମାନେ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏହି ବିଶୃଙ୍ଖଳା ପଛରେ ଥିବା କାରଣ ସମ୍ପର୍କରେ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି।

କୁଦାନଗରୀ ଥାନା ଅଞ୍ଚଳର ଏହି ପୁରାତନ ସରକାରୀ ହାଇସ୍କୁଲରେ ସ୍ୱାଧୀନତା ଦିବସରେ ଏପରି ଘଟଣା ନଜରକୁ ଆସିଥିଲା। ଜାତୀୟ ସଙ୍ଗୀତ ଗାନ ପରେ ନବମ ଶ୍ରେଣୀର ୨ଜଣ ଛାତ୍ର ପାକିସ୍ତାନ ଜିନ୍ଦାବାଦ ସ୍ଲୋଗାନ ଦେଇଥିଲେ। ପଛରେ ଅନ୍ୟ ଜଣେ ଛାତ୍ର ଏହାକୁ ସମର୍ଥନ କରି ସ୍ଲୋଗାନ ଦେଇଥିଲେ। ଏଠାରେ ଉପସ୍ଥିତ ଲୋକ ହତବାକ ହୋଇ ଯାଇଥିଲେ। ସ୍ଥାନୀୟ ଅଞ୍ଚଳରେ ଏ ନେଇ ଚର୍ଚ୍ଚା ହେବା ସହ ପ୍ରଧାନ ଶିକ୍ଷକ ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କୁ ଗତ ୨୩ ତାରିଖରେ ଚିଠି ନଂ. ୮୨ରେ ଜଣାଇଥିଲେ। ସ୍ଥାନୀୟ ଅଞ୍ଚଳରେ ଏ ନେଇ ଅସନ୍ତୋଷ ବଢୁଥିବାରୁ ଗୁରୁବାର ଜିଲା ଶିକ୍ଷାଧିକାରୀ ପ୍ରଦୀପ ନାଗ ଏ ସମ୍ପର୍କରେ ତଦନ୍ତ କରିଥିଲେ। ଘଟଣାର ସତ୍ୟତା ଥିବାରୁ ଶିକ୍ଷାର୍ଥୀଙ୍କ ଭବିଷ୍ୟତ ଓ ସ୍ଥାନୀୟ ଅଞ୍ଚଳର ଉତ୍ତେଜନା ହ୍ରାସ ପାଇଁ ଅଭିଭାବକମାନେ ପୁନର୍ବାର ଏପରି ହେବ ନାହିଁ ବୋଲି କହିବା ସହ ଲିଖିତ ଭାବେ ପତ୍ର ଦେଇଥିଲେ। ତେବେ ଏହି ସ୍କୁଲରେ ବହୁବର୍ଷ ଧରି ରହିଥିବା ଉର୍ଦ୍ଦୁ ଶିକ୍ଷକଙ୍କ ଭୂମିକାକୁ ନେଇ ସାଧାରଣରେ ସନ୍ଦେହ ବଢୁଛି। ସେମାନଙ୍କୁ ବଦଳି କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି। ଜିଲା ଶିକ୍ଷାଧିକାରୀଙ୍କ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା କରାଯାଇଥିବା ଅଞ୍ଚଳବାସୀ କହିଛନ୍ତି।

# ଦେବୀ ନଦୀରେ ଅନ୍ତଃନଦୀ ଜଳାଶୟ ଯୋଜନା ନାହିଁ

ଜଗତ୍‌ସିଂହପୁର, ୨୯।୮ (ପ୍ରମୋଦ କୁମାର ନାୟକ): ରାଜ୍ୟ ସରକାର ପିଇବା ପାଣି ଯୋଗାଣରେ ସୁବିଧା, ବନ୍ୟାଜଳ ନିୟନ୍ତ୍ରଣ, ମାଛଚାଷ, ପ୍ରାଣୀ ପାଳନରେ ସହାୟତା ଓ ଭୂତଳ ଜଳସ୍ତର ବୃଦ୍ଧି ସାଙ୍ଗକୁ ପରବେଶ ସନ୍ତୁଳନ ନେଇ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ (ଇନ୍‌ଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକ୍ଚର) କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନା ଆଧାରରେ ଅତୀତରେ ରାଜ୍ୟର ୧୩ଟି ଜିଲାରେ ୧୯ଟି ପ୍ରକଳ୍ପ ପାଇଁ ୪୬୦୦ କୋଟି ଟଙ୍କା ଖର୍ଚ୍ଚ ଆକଳନ କରାଯାଇଥିଲା। ଏଥିସହ ୩ଟି ପର୍ଯ୍ୟାୟରେ ୭୨ ପ୍ରକଳ୍ପ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଉଥିବା କୁହାଯାଇଥିଲା। ଏ ସମ୍ପର୍କରେ ଅତୀତରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଅନେକ ଜିଲାର ଲୋକେ ଆଶ୍ୱସ୍ତି ପ୍ରକାଶ କରିଥିଲେ। ତେବେ ଏହି ଯୋଜନାରେ ଜଗତ୍‌ସିଂହପୁର ଜିଲା ଅଛି କି ନାହିଁ ଜାଣିବା ପାଇଁ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଆଗ୍ରହ ପ୍ରକାଶ କରିଛନ୍ତି। ସେ ଜଗତ୍‌ସିଂହପୁର ଦେବୀନଦୀରେ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ନିର୍ମାଣ ହେବାର ପ୍ରସ୍ତାବ ଅଛି କି ନାହିଁ ଜାଣିବାକୁ ବିଧାନସଭାରେ ପ୍ରଶ୍ନ କରିଥିଲେ। ପ୍ରସ୍ତାବ ନ ଥିଲେ ଉଚ୍ଚସ୍ତରୀୟ ବୈଷୟିକ କମିଟି ଜରିଆରେ ଉପଯୁକ୍ତ ସ୍ଥାନ ନିରୂପଣ ପାଇଁ ପଦକ୍ଷେପ ନେବାକୁ ଦର୍ଶାଇଥିଲେ। ଗୁରୁବାର ବିଧାନସଭାରୁ ଏହାର ଉତ୍ତର ମିଳିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ପଷ୍ଟ କରିଛନ୍ତି ଯେ, ଜଗତ୍‌ସିଂହପୁର ଦେଇ ପ୍ରବାହିତ ଦେବୀ ନଦୀ ମଧ୍ୟରେ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ନିର୍ମାଣ କରାଯିବାର ପ୍ରସ୍ତାବ ବର୍ତ୍ତମାନ ପାଇଁ ବିଚାରାଧୀନ ନାହିଁ। ଅର୍ଥାତ୍ ଏବେ ଦେବୀ ନଦୀରେ ଏହି ଯୋଜନାରେ ଜଳାଶୟ ଯୋଜନା ନାହିଁ। ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ଆଲୋଚନାର ବିଷୟ ହୋଇଛି।

# ଆର୍ଥିକ ଅନିୟମିତତା ବିରୋଧରେ ଧାରଣା


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରତ ସାମାଜିକ କର୍ମୀ ଓ ଅନ୍ୟମାନେ।

କେନ୍ଦ୍ରାପଡ଼ା, ୨୯।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଅଞ୍ଚଳରେ ଆର୍ଥିକ ଅନିୟମିତତା ହୋଇଛି। ବ୍ଲକର କନିଷ୍ଠ ଯନ୍ତ୍ରୀ ଏହି ଅନିୟମିତତାର ସୂତ୍ରଧର ଅଛନ୍ତି। ଏପରି ଅଭିଯୋଗ ସହ କାର୍ଯ୍ୟାନୁଷ୍ଠାନ ଦାବିରେ ସୂଚନା ଅଧିକାର କର୍ମୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାରଠାରୁ ଧାରଣାରେ ବସିଛନ୍ତି। ଏ ସମ୍ପର୍କରେ ଆଚାର୍ଯ୍ୟ କହିଛନ୍ତି, ବ୍ଲକର ସିକୋ ଓ କାଟଣାବଣିଆ ପଞ୍ଚାୟତର ୨ଟି ପ୍ରକଳ୍ପର କାର୍ଯ୍ୟାନ୍ୱୟନ ନିମନ୍ତେ ବ୍ଲକର କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏହି ପ୍ରକଳ୍ପ ୨ଟି ପାଇଁ ପ୍ରଦତ୍ତ ଜିଏସ୍‌ଟି ବିଲ୍ ହାତରେ ଲେଖା ହୋଇଥିବା ବେଳେ ସେହି ବିଲ୍ ମଧ୍ୟରୁ କେତେଗୋଟି ବିଲ୍‌ରେ ଲେଖାଥିବା ଠିକଣାରେ ଦୋକାନ ମିଳୁନାହିଁ। ମିଛ ବିଲ୍ କରାଯାଇ ପ୍ରକଳ୍ପ ଅର୍ଥ ଆତ୍ମସାତ୍ କରାଯାଇଥିବା ସନ୍ଦେହ ହୋଇଛି। ଏହାବ୍ୟତୀତ ୨ଟି ଯାକ ପ୍ରକଳ୍ପରେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରାଯାଇଛି। ଏ ନେଇ ଜାନୁଆରୀ ୮ରେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। କୌଣସି ସୁଫଳ ମିଳି ନ ଥିବାରୁ ଏହି ଧାରଣା ଦିଆଯାଇଛି। ତାଙ୍କୁ ସମର୍ଥନ କରି ସୂଚନା ଅଧିକାର ଅଭିଯାନର ଅନ୍ୟ କର୍ମୀମାନେ ଏହି ଧାରଣାରେ ସାମିଲ ହୋଇଛନ୍ତି।

# ଗୋଠିଣାରେ ଫସଲ ନଷ୍ଟ କରୁଛି ବାର୍‌ହା

ରଘୁନାଥପୁର, ୨୯।୮
(ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ତହସିଲ ଅନ୍ତର୍ଗତ ଗୋଠିଣା ସଙ୍କରାବଣରେ ୨ ଦିନ ହେବ ଏକ ବାର୍‌ହା ଆସି ଫସଲ ନଷ୍ଟ କରୁଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଚାଷୀମାନେ ବିଲରେ କାମ କରୁଥିବା ସମୟରେ ବାର୍‌ହାକୁ ଦେଖିଛନ୍ତି। ବାର୍‌ହାଟି ସନ୍ଧ୍ୟା ସମୟରେ ରୁଆ ଧାନ, ଆଖୁ ଗଛ ଓ ଛୋଟ ନଡ଼ିଆ ଗଛ ଖୋଳି ଖାଇଯାଉଥିବା ସେମାନେ ପ୍ରକାଶ କରିଛନ୍ତି। ଅଦ୍ୟାବଧି କୌଣସି ବ୍ୟକ୍ତି ଉକ୍ତ ବାର୍‌ହା ଆକ୍ରମଣର ଶିକାର ହୋଇ ନ ଥିଲେ ମଧ୍ୟ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ବାର୍‌ହାକୁ ବନବିଭାଗ ତୁରନ୍ତ କାବୁ କରିବା ପାଇଁ ଗ୍ରାମ୍ୟ କମିଟି ସଭାପତି ଶରତ ଚନ୍ଦ୍ର ବାରିକ, ସାମାଜିକ କର୍ମୀ ଅମୂଲ୍ୟ ଚନ୍ଦ୍ରକାନ୍ତ ମହାପାତ୍ର, ବିଚିତ୍ରାନନ୍ଦ ସ୍ୱାଇଁ, ସମର ସ୍ୱାଇଁ, ହେମନ୍ତ ନାୟକ ଓ ବାବାଜୀ ମହାନ୍ତିଙ୍କ ସହ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଏଥିସହ କ୍ଷୟକ୍ଷତି ହୋଇଥିବା ଫସଲର କ୍ଷତିପୂରଣ ଚାଷୀ ଦାବି କରିଛନ୍ତି। ଏ ସମ୍ପର୍କରେ ରେଞ୍ଜର ରାଜେନ୍ଦ୍ର ସାମନ୍ତରାୟଙ୍କୁ ପଚାରିବାରେ କେହି ଘୁଷୁରିଆଳ ଘୁଷୁରି ଚରାଇବା ସମୟରେ ଏକ ଅଣ୍ଡିରା ଘୁଷୁରି ଏଠାରେ ରହିଯାଇଥାଇପାରେ। ଲୋକମାନେ ଏଥିଯୋଗୁ ଭୟଭୀତ ନ ହେବା ପାଇଁ ସେ ଅନୁରୋଧ କରିଛନ୍ତି।

# ବନ୍ୟାସ୍ରୋତରେ ମହାନଦୀପଠାରୁ ଅତଡ଼ା ଧସୁଛି

■ ୧୫ ବର୍ଷରେ ୨୫ ମିଟର ପଠା ନଦୀଗର୍ଭରେ ଲୀନ
■ ତାରପୁର ବେଲବଣଠାରୁ ଜଇପୁର ଦସୁଆଦଣ୍ଡା ପର୍ଯ୍ୟନ୍ତ ମହାନଦୀ ବନ୍ଧ ଦୁର୍ବଳ
■ ସ୍ଥାୟୀ ପ୍ରତିକାର ଦାବି

ରଘୁନାଥପୁର, ୨୯।୮ (ରାଜେନ୍ଦ୍ର ନାରାୟଣ ସିଂହ)


ମହାନଦୀପଠାରୁ ଧସିଯାଇଥିବା ମାଟି ଅତଡ଼ା।

ମହାନଦୀ ସାଉଥ୍ ଜଳସମ୍ପଦ ବିଭାଗ ତଥା ମଣିଜଙ୍ଗା ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ଥିବା ରଘୁନାଥପୁର ତହସିଲ ଅନ୍ତର୍ଗତ ତାରପୁର, ଗୋକୁଳପୁର ଓ ହରିଶପୁରଠାରେ ମହାନଦୀ ପଠା ବନ୍ୟାସ୍ରୋତରେ ନଦୀଗର୍ଭରେ ଲୀନ ହେବାକୁ ଲାଗିଛି। ଧୀରେ ଧୀରେ ପାଣି ବନ୍ଧମୁହାଁ ହେଉଛି। ଫଳରେ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି। ଗତ ୧୫ ବର୍ଷରେ ୨୫ ମିଟରରୁ ଊର୍ଦ୍ଧ୍ୱ ପଠା କ୍ଷୟ ହୋଇ ନଦୀଶଯ୍ୟାରେ ମିଶିଯାଇଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏହାକୁ ରୋକିବା ପାଇଁ ସମ୍ପୃକ୍ତ ବିଭାଗ ପକ୍ଷରୁ କେତୋଟି ସ୍ପର୍ ନିର୍ମାଣ କରାଯାଇଛି। ତେବେ ପୂର୍ବବତ ପଠାରୁ ଅତଡ଼ା ଧସିବାରେ ଲାଗିଛି। ଗୋକୁଳପୁର ସତୀବଣଠାରେ ବଡ଼ ଅତଡ଼ା ଧସିବାରେ ଲାଗିଛି। ଏପରିକି କେତେଜଣ ବ୍ୟକ୍ତିଙ୍କ ନିଜସ୍ୱ ଜମି ମଧ୍ୟ ନଦୀରେ ମିଶିଯାଇଛି। ସେହିପରି ହରିଶ୍‌ପୁରଠାରେ ମଧ୍ୟ ଅନୁରୂପ ଅବସ୍ଥା ଦେଖାଯାଇଛି। ପଠାର ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଗଛ ଲଗାଯାଇ ଜଙ୍ଗଲ ସୃଷ୍ଟି ହୋଇଥିଲେ ସୁଦ୍ଧା ବନ୍ୟାପାଣି ସ୍ରୋତରେ ୩୦ ପ୍ରତିଶତ ଜଙ୍ଗଲ ନଷ୍ଟ ହୋଇଯାଇଥିବା ସ୍ଥାନୀୟ ଅଧିବାସୀ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ତାରପୁର ବେଲବଣଠାରୁ ଜଇପୁର ଦସୁଆଦଣ୍ଡା ପର୍ଯ୍ୟନ୍ତ ୬ କିମି ମହାନଦୀ ବନ୍ଧ ବାଲିରେ ନିର୍ମିତ। ତେଣୁ ଏହି ସ୍ଥାନ ଦୁର୍ବଳ ବୋଲି ୧୦ ବର୍ଷ ତଳେ ତାଳଦଣ୍ଡା କେନାଲ ପୁନଃଉଦ୍ଧାର କାର୍ଯ୍ୟ ସମୟରେ ତତ୍କାଳୀନ ବିଭାଗୀୟ ଅଧିକାରୀ କହିଥିଲେ। ଏଥିଯୋଗୁ ନଦୀରେ ବନ୍ୟାଜଳ ଅଧିକ ହେଲେ ନିକଟବର୍ତ୍ତୀ ଗ୍ରାମରେ ପାଣି ଝରି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ। ଯଦି ଏହିପରି ଭାବେ ପଠା କ୍ଷୟ ହୋଇ ପାଣି ବନ୍ଧମୁହାଁ ହୁଏ ତାହାଲେ ବନ୍ଧକୁ ସୁରକ୍ଷା ଦେବା ଅସମ୍ଭବ ହୋଇପଡିବ। କୌଣସି ସ୍ଥାନରେ ଘାଇ ସୃଷ୍ଟି ହେଲେ ବନ୍ୟାପାଣି ଜଗତ୍‌ସିଂହପୁର ସଦର ମହକୁମା ସହ ଜିଲାର ଅର୍ଦ୍ଧାଧିକ ଅଞ୍ଚଳ ଜଳମଗ୍ନ ହେବାର ଆଶଙ୍କା ରହିଛି। ଏହି ୬ କିମି ବ୍ୟାପୀ ନଦୀବନ୍ଧର ସୁରକ୍ଷା ନିମନ୍ତେ ତିନୋଟି ଗ୍ରାମର ପଠା ଖାଉଥିବା ସ୍ଥାନକୁ ଦୀର୍ଘମିଆଦୀ ସ୍ଥାୟୀ ପ୍ରତିକାର କରାଯିବା ନିମନ୍ତେ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲାପାଳ, ସ୍ଥାନୀୟ ବିଧାୟକ, ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ବିଭାଗୀୟ ସଚିବ ଓ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସ୍ୱଳ୍ପ ପଠାର ସୁରକ୍ଷା ପାଇଁ ଟେଣ୍ଡର ହୋଇଥିବା ଏବଂ ବର୍ଷା ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଇପୁର ସେକ୍ସନ ଯନ୍ତ୍ରୀ ତପନ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି। ସେହିପରି ନିଜେ ଯାଇ ବାସ୍ତବ ସ୍ଥିତି ସମ୍ପର୍କରେ ଅବଗତ ହେବେ ବୋଲି ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରତ୍ୟୁଷ କୁମାର ତରେଇ ପ୍ରକାଶ କରିଛନ୍ତି। ବେଳ ଥାଉ ଥାଉ ସାବଧାନ ନ ହେଲେ ଏଥିପାଇଁ ସରକାର ଦାୟୀ ରହିବେ ବୋଲି ବୁଦ୍ଧିଜୀବୀଙ୍କ ପକ୍ଷରୁ ସତର୍କ କରାଇ ଦିଆଯାଇଛି।

# ବଢୁଛି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା

■୮ମାସରେ ୬୪ ଆକ୍ରାନ୍ତ
■ସବୁଠାରୁ ବେଶି ରୋଗୀ ନୟାଗଡ଼ ବ୍ଲକରେ
■ମଶାଙ୍କ ଉପଦ୍ରବ ପାଇଁ ପ୍ରତିକାର ନାହିଁ

ନୟାଗଡ଼,୨୯।୮(ଲୋକନାଥ ମିଶ୍ର)

ନୟାଗଡ଼ ସହର ସମେତ ଓଡ଼ଗାଁ, ଦଶପଲ୍ଲା, ରଣପୁର, ଖଣ୍ଡପଡ଼ା ଓ ଶରଣକୁଳ ସହରରେ ମଶାଙ୍କ ଉପଦ୍ରବ ବଢ଼ି ଚାଲିଛି। ସହରରେ ବିଭିନ୍ନ ସ୍ଥାନରେ ଆବର୍ଜନା ଜମା ହୋଇ ରହିଥିଲେ ମଧ୍ୟ ସଫେଇ ହେଉ ନାହିଁ। ନୟାଗଡ଼ ମ୍ୟୁନିସିପାଲିଟି ହୋଇଥିଲେ ହେଁ ବ୍ଲିଚିଂ ପାଉଡର ପକା ଯାଉନି କି ଟିପା ମେଶିନ୍‌ରେ ମଶାମରା ଧୂଆଁ ଦିଆ ଯାଉନି। ପ୍ରଦୂଷିତ ପରିବେଶରେ ମଶାଙ୍କ ପାଦୁର୍ଭାବ ବଢ଼ି ଚାଲିଛି। ମଶାଙ୍କ ପାଇଁ ସହରବାସୀ ରାତିରେ ଶୋଇ ପାରୁ ନାହାନ୍ତି। ସହରବାସୀଙ୍କ ମଧ୍ୟରେ ଡେଙ୍ଗୁ, ବାତଜ୍ୱର ଓ ମ୍ୟାଲେରିଆ ରୋଗ ନେଇ ଭୟ ସୃଷ୍ଟି ହୋଇଛି। ନୟାଗଡ଼ ଜିଲାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛନ୍ତି। ଗତ ୮ମାସ ମଧ୍ୟରେ ୬୪ ଜଣ ଆକ୍ରାନ୍ତ ହୋଇ ସାରିଲେଣି। ତେବେ ୬୪ ରୋଗୀଙ୍କ ମଧ୍ୟରେ ନୟାଗଡ଼ ବ୍ଲକରେ ସବୁଠାରୁ ଅଧିକ ରୋଗୀ ଦେଖିବାକୁ ମିଳିଛି। ଇତିମଧ୍ୟରେ ନୟାଗଡ଼ ବ୍ଲକରେ ୩୦ ରୋଗୀ ଚିହ୍ନଟ ହୋଇଛନ୍ତି। ଜିଲାରେ ଗତ ଜାନୁଆରୀ ମାସରେ ଜଣେ ରୋଗୀ ଚିହ୍ନଟ ହୋଇଥିବାବେଳେ ଫେବୃଆରୀରେ ୩ଜଣ ଚିହ୍ନଟ ହୋଇଥିଲେ। ସେହିପରି ମାର୍ଚ୍ଚରେ ୨ଜଣ, ଜୁନ୍‌ରେ ୨, ଜୁଲାଇରେ ୨୧ ଓ ଅଗଷ୍ଟ ପର୍ଯ୍ୟନ୍ତ ୩୫ ରୋଗୀ ଚିହ୍ନଟ ହୋଇଛନ୍ତି। ଏଥିରୁ ନୟାଗଡ଼ ବ୍ଲକରେ ୩୦, ଭାପୁର ବ୍ଲକରେ ୧, ଗଣିଆ ବ୍ଲକରେ ୧, ଦଶପଲ୍ଲା ବ୍ଲକରେ ୧, ନୂଆଗାଁ ବ୍ଲକରେ ୧୧, ଖଣ୍ଡପଡ଼ା ବ୍ଲକରେ ୭, ରଣପୁର ବ୍ଲକରେ ୪, ଓଡ଼ଗାଁ ବ୍ଲକରେ ୯ଜଣ ଅଛନ୍ତି। ଜିଲାର ପ୍ରତି ବ୍ଲକରୁ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି। ତେବେ ଜୁଲାଇ ଓ ଅଗଷ୍ଟ ମାସରେ ଡେଙ୍ଗୁ ରୋଗୀଙ୍କ ପାଦୁର୍ଭାବ ବଢ଼ି ଚାଲିଛି।



ମେଡିକାଲ ପରିସରରେ ଜମା ହୋଇଥିବା ଆବର୍ଜନା।

**ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ ପ୍ରହସନ**

ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ ଜରିଆରେ ଡେଙ୍ଗୁ, ଝାଡ଼ାବାନ୍ତି, ମ୍ୟାଲେରିଆ, ଯକ୍ଷ୍ମା ଓ କୁଷ୍ଠ ରୋଗ ଉପରେ ସଚେତନତା ଚାଲୁ ରହିଛି। ଜୁଲାଇ ୧ ରୁ ସଚେତନତା ମାସ ଆରମ୍ଭ ହୋଇ ଅଗଷ୍ଟ ୩୧ରେ ଶେଷ ହେବ। ଏହି ସଚେତନତାରେ ରୋଗୀମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ତୁରନ୍ତ ସେବା ଯୋଗାଇ ଦେବା ପାଇଁ ବ୍ୟବସ୍ଥା ରହିଛି। ତେବେ ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗର ସଚେତନତା ପ୍ରହସନ ପାଲଟିଥିବା ଅଭିଯୋଗ ଉଠିଛି। ଜିଲାରେ ଡେଙ୍ଗୁ, ଝାଡ଼ାବାନ୍ତି, ମ୍ୟାଲେରିଆ, ଯକ୍ଷ୍ମା ଓ କୁଷ୍ଠ ସଚେତନତା ସଚେତନତା କେଉଁଠି ହେଉଛି, କିପରି ହେଉଛି, ରୋଗୀ କେଉଁ ଅଞ୍ଚଳରେ ଚିହ୍ନଟ ହେଉଛନ୍ତି ଜାଣି ହେଉନି। ସହରର ଅଧିକାଂଶ ଇଲାକାରେ ସ୍ୱାସ୍ଥ୍ୟ କର୍ମୀଙ୍କ ପାଦ ପଡନି ବୋଲି ଅଭିଯୋଗ ଉଠିଛି। ସଚେତନତା ସମ୍ପର୍କରେ ଗଣମାଧ୍ୟମକୁ ଅଣଦେଖା କରୁଛି ସ୍ୱାସ୍ଥ୍ୟ ବିଭାଗ ବୋଲି ଅଭିଯୋଗ ହୋଇ ଆସୁଛି।

## ରୋଗ ବାଣ୍ଟୁଛି ଜିଲା ମୁଖ୍ୟ ଚିକିତ୍ସାଳୟର ଡମ୍ପିଂୟାର୍ଡ

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଡେଙ୍ଗୁ, ଝାଡ଼ାବାନ୍ତି, ମ୍ୟାଲେରିଆ ରୋଗକୁ ଆମନ୍ତ୍ରଣ କରୁଥିବାର ଅଭିଯୋଗ ଉଠିଛି। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ମାତୃ ଶିଶୁ ଚିକିତ୍ସାଳୟର ଦକ୍ଷିଣ ପାର୍ଶ୍ୱ ଅସ୍ଥାୟୀ ଡମ୍ପିଂୟାର୍ଡ ଚିନ୍ତାର କାରଣ ପାଲଟିଛି। ଜିଲା ମୁଖ୍ୟ ଚିକିତ୍ସାଳୟରୁ ଯାହା ଆବର୍ଜନା ବାହାରୁଛି ସେଠାରେ ଜମା ହେଉଛି। ପୁଣି ମାତୃ ଶିଶୁ ହସ୍ପିଟାଲର ପରିଶ୍ରା, ଶୌଚାଳୟ ଓ ନଷ୍ଟ ହେଉଥିବା ପାନୀୟ ଜଳ ଆବର୍ଜନା ସହ ଜମି ପରିବେଶକୁ ଦୂଷିତ କରୁଛି। ବର୍ଷା ଋତୁ ଯୋଗୁ ଅଳିଆ ଆବର୍ଜନା ପଚି ଦୁର୍ଗନ୍ଧ ବାହାରୁଛି। ଦୁର୍ଗନ୍ଧ ଯୋଗୁ ମା ଓ ନବଜାତ ଶିଶୁର ସ୍ୱାସ୍ଥ୍ୟ ଖରାପ ହେଉଛି ବୋଲି ଅଭିଯୋଗ ସତ୍ତ୍ୱେ ପ୍ରତିକାର ନାହିଁ।

ଏନେଇ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ ଅଜୟ କୁମାର ବାହିନିପତି କୁହନ୍ତି, ମାତୃ ଶିଶୁ ଚିକିତ୍ସାଳୟ ପାଖରେ ଅପରିଷ୍କାର ପରିବେଶକୁ ସ୍ଥାନାନ୍ତର ପାଇଁ ବାରମ୍ବାର ଚେଷ୍ଟା ସତ୍ତ୍ୱେ ସୁଫଳ ମିଳୁନି। ଜିଲା ମୁଖ୍ୟ ଚିକିତ୍ସାଳୟର ଆବର୍ଜନା ଅନ୍ୟ କେଉଁଠାରେ ପକାଯିବ ସେନେଇ ସ୍ଥାନ ମିଳୁ ନାହିଁ। ପୁଣି ପିଏଚ୍‌ଡି ପକ୍ଷରୁ ଲିକେଜ ପାଣି କିପରି ବନ୍ଦ ହେବ ସେନେଇ ପଦକ୍ଷେପ ନିଆଯାଉ ନାହିଁ। ଏଣୁ ଆବର୍ଜନା ହଟି ପାରୁ ନାହିଁ। ତେବେ ଡମ୍ପିଂୟାର୍ଡ ପରି ଦେଖା ଯାଉଥିବା ଆବର୍ଜନା ଗଦାକୁ ହଟାଇବାକୁ ଆମ ଉଦ୍ୟମ ଜାରି ରହିଛି। ଡେଙ୍ଗୁ ରୋଗୀ କିପରି ଭଲ ସେବା ପାଇବେ ସେନେଇ ପଦକ୍ଷେପ ନିଆଯାଇଛି ବୋଲି ସେ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଗୁଡୁ



@ ଜ୍ଞାନେନ୍ଦ୍ର



@ ନରେଶ



@ ସୁଧୀର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**ସଂକ୍ଷେପରେ**

## ହୋଟେଲ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ

ଖଣ୍ଡପଡ଼ା,୨୯।୮ (ଅଜୟ କୁମାର ମହାରଣା)–ବ୍ୟବସାୟୀକ ଶତ୍ରୁତାକୁ କେନ୍ଦ୍ର କରି ଖଣ୍ଡପଡ଼ା ବାଇପାସ୍ ରାସ୍ତାରେ ଥିବା ଅଶୋକା ହୋଟେଲର ମାଲିକ ଲକ୍ଷ୍ମୀଧର ପ୍ରଧାନ(୫୪)ଙ୍କୁ ଦାଶରଥି ସ୍ୱାଇଁ ଓ ତାଙ୍କ ୨ପୁଅ ବିକାଶ ଓ ରାକେଶ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଖଣ୍ଡପଡ଼ା ଥାନାରେ ଅଭିଯୋଗ ହୋଇଛି। ମରଣାନ୍ତକ ଆକ୍ରମଣରେ ଲକ୍ଷ୍ମୀଧରଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏହି ଘଟଣାରେ ପୋଲିସ ଦାଶରଥୀ ଓ ତାଙ୍କ ୨ ପୁଅଙ୍କୁ ଥାନାରେ ଅଟକ ରଖିଛି। ଲକ୍ଷ୍ମୀଧରଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଲକ୍ଷ୍ମୀଧରଙ୍କ ପୁଅ ମନୋଜ କୁମାର ପ୍ରଧାନ ଘଟଣା ସମ୍ପର୍କରେ ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ରାସ୍ତାରେ ଉପୁଡ଼ି ପଡିଲା ପୁରାତନ ଗଛ



ଦଶପଲ୍ଲା,୨୯।୮(ପ୍ରକାଶ କୁମାର ପାଣି): ଦଶପଲ୍ଲା ବ୍ଲକ ବାଣିଗୋଛା କାମିଟିପଙ୍ଗା ନିକଟରେ ୫୭ନଂ.ଜାତୀୟ ରାଜପଥ ଉପରେ ଗୁରୁବାର ଏକ ବିରାଟ ବରଗଛ ଉପୁଡ଼ି ପଡ଼ିଛି। ଏଥିପାଇଁ ସେହି ରାସ୍ତାରେ କିଛି ସମୟ ଧରି ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଗାଡ଼ିମୋଟର ଚଳାଚଳ ବନ୍ଦ ରହିଥିଲା। ଦଶପଲ୍ଲା ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଗଛଡାଳ କାଟି ରାସ୍ତା ସଫା କରିବା ପରେ ଗାଡ଼ିମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା।

## କାମକୁ ଯାଇ ଯୁବକ ନିଖୋଜ

ଦଶପଲ୍ଲା,୨୯।୮(ପ୍ରକାଶ କୁମାର ପାଣି)ଦଶପଲ୍ଲା ବ୍ଲକ ଅନ୍ତର୍ଗତ ସରିଗଣ୍ଡା ଗ୍ରାମ ପଞ୍ଚାୟତର ନେଳିଗୁଡ଼ା ଗ୍ରାମର ଭଗବାନ ପ୍ରଧାନଙ୍କ ୨୦ ବର୍ଷୀୟ ବଡ଼ପୁଅ ଭାସ୍କର ପ୍ରଧାନ (ଗଣେଶ) ଗତ ୨୬ ତାରିଖରୁ ରାଜମିସ୍ତ୍ରୀ କାମ କରିବାକୁ ଯାଉଛି କହି କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ପରିବାର ଲୋକ ବିଭିନ୍ନ ସ୍ଥାନ,ବନ୍ଧୁବାନ୍ଧବ ଘର, ସାଙ୍ଗସାଥୀମାନଙ୍କୁ ପଚରାଉଚରା ପରେ କୌଣସି ସନ୍ଧାନ ନ ପାଇବାରୁ ଦଶପଲ୍ଲା ଥାନାରେ ଅଭିଯୋଗ କରିଛନ୍ତି।

# ନୀଳମାଧବଙ୍କ ପୀଠରେ ଲବଣୀଖିଆ, କାଳୀୟଦଳନ ନୀତି

ଖଣ୍ଡପଡ଼ା,୨୯।୮
(ଅଜୟ କୁମାର ମହାରଣା)

ଗୁରୁବାର କାଳୀୟଦଳନ ଏକାଦଶୀ ତିଥିରେ କଣ୍ଟିଲୋ ନୀଳମାଧବ ଜୀଉଙ୍କ ପୀଠରେ ବାଳୁତ କୃଷ୍ଣଙ୍କ ଲବଣୀଖିଆ ଓ କାଳୀୟଦଳନ ନୀତି ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀନୀଳମାଧବଙ୍କ ସ୍ନାନ ଏବଂ ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ନ ପ୍ରାୟ ୩ଟାରେ ଠାକୁରଙ୍କ ସନ୍ଧ୍ୟା ଆଳତି ପରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନ ଓ ବାଳୁତ କୃଷ୍ଣଙ୍କୁ ବେଶ କରାଯାଇଥିଲା। ଗୋପାଳ ଭୂମିକାରେ ମନୋଜ କୁମାର ମିଶ୍ର ବାଳଗୋପାଳ କୃଷ୍ଣ ଓ ମଦନମୋହନଙ୍କୁ ନିଜ ବାସଭବନକୁ ଲବଣୀ ଖାଇବାକୁ ନିମନ୍ତ୍ରଣ କରିଥିଲେ। ନିମନ୍ତ୍ରଣ ସାଥିରେ ଅଣାଯାଇଥିବା ନୂତନ ବସ୍ତ୍ର ଓ ଅଳଙ୍କାର ପରିଧାନ କରି ବାଳୁତ କୃଷ୍ଣ ସେବକସାହିସ୍ଥ ମନୋଜଙ୍କ ଗୃହକୁ ଅପରାହ୍ନ ପ୍ରାୟ ସାଢେ ୩ଟାରେ ହାନ୍ଦୋଳାରେ ବିଜେ ହୋଇଥିଲେ। ସାହିର ସମସ୍ତ ବ୍ରାହ୍ମଣ ଘରର ମହିଳାମାନେ ବାଳଗୋପାଳଙ୍କୁ ବନ୍ଦାପନା କରି ପୂଜାର୍ଚ୍ଚନା କରିଥିଲେ। ପରେ ପୂଜକ ପ୍ରସନ୍ନ କୁମାର ମିଶ୍ର ଠାକୁରଙ୍କୁ ଷୋଡଶ ଉପଚାରରେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଶ୍ରୀଜୀଉଙ୍କୁ ସର, ଲବଣୀ ଓ ବିଭିନ୍ନ ପ୍ରକାର ଫଳ ଅର୍ପଣ କରାଯାଇଥିଲା। ଅପରାହ୍ନ ପ୍ରାୟ ସାଢେ଼୫ଟାରେ କାଳନ୍ଦୀ ହ୍ରଦ ନୀତି ଅନୁଯାୟୀ ନୀଳମାଧବ ଚନ୍ଦନ ପୋଖରୀକୁ ସୁସଜ୍ଜିତ ମଣି ବିମାନରେ ଆରୁଢ଼ ହୋଇ ବିଜେ ହୋଇଥିଲେ। ପୁରାଣର କଥା ବସ୍ତୁକୁ ଆଧାର କରି କାଳନ୍ଦୀ ହ୍ରଦରେ ଥିବା ଏକ ସପ୍ତଫେଣୀ ନାଗର ବିଷ ଜ୍ୱାଳାରେ ହ୍ରଦ ମଧ୍ୟରେ ଥିବା କୌଣସି ଜୀବଜନ୍ତୁ ଓ ମନୁଷ୍ୟ ପ୍ରବେଶ କରିପାରୁ ନ ଥିଲେ। ଏପରିକି ହ୍ରଦର ଉପରି ଭାଗରେ ଉଡି ଯାଉଥିବା ପକ୍ଷୀମାନେ ମଧ କାଳୀୟ ନାଗର ବିଷ ଜ୍ୱାଳାରେ ବିନାଶ ହୋଇଯାଉଥିଲେ। ଫଳରେ ଦର୍ପ ଦଳନ ଶ୍ରୀକୃଷ୍ଣ କାଳୀୟ ନାଗର ଗର୍ବ ନାଶ ନିମନ୍ତେ କାଳୀୟ ହ୍ରଦରେ ପ୍ରବେଶ କରି ସପ୍ତଫେଣୀ ନାଗର ଫଣାରେ ନୃତ୍ୟ କରି ତାଙ୍କୁ ଅନ୍ୟତ୍ର ପଠାଇ ଦେଇଥିଲେ। ଏହି ପୌରାଣିକ କଥା ଅନୁଯାୟୀ କାଳନ୍ଦୀ ହ୍ରଦ ସଦୃଶ ଚନ୍ଦନ ପୋଖରୀରେ ଠାକୁରଙ୍କ ନୀତି ସମ୍ପନ୍ନ ହୋଇଥିଲା। କାଠ ନିର୍ମିତ ଏକ ସପ୍ତଫେଣୀ ନାଗକୁ ଧରି ବସିଥିବା ମନ୍ଦିରର ମାଳି ସୁବାସ ମହାପାତ୍ରଙ୍କ ପାଖରେ ବାଳୁତ କୃଷ୍ଣ ପହଁଞ୍ଚି କାଳୀୟ ନାଗର ଫଣାରେ ପାଦ ରଖି ତାର ଗର୍ବ ଗର୍ଭ ଭାଙ୍ଗିଥିଲେ। କାଳୀୟ ନାଗର ଦଂଶନରେ ଠାକୁରଙ୍କ ସର୍ବାଙ୍ଗ ବିଷାକ୍ତ ହୋଇଯାଇଥିଲା। ଗରୁଡ଼ ଭୂମିକାରେ ଥିବା ଦାଶରଥି କର ପହଁଞ୍ଚିବା ପରେ କାଳୀୟ ନାଗ ତା'ର ସମସ୍ତ ଶକ୍ତି ହରାଇ ବସିଥିଲେ। ବାଳୁତ କୃଷ୍ଣଙ୍କ ପାଇଁ ପୂଜକ ରାଶେଶ୍ୱର ମିଶ୍ରଙ୍କ ଦ୍ୱାରା ଅମୃତ ଲଡ୍ଡୁ ଭୋଗ ଲାଗି ହୋଇଥିଲା। ପରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ସୁସ୍ଥ ଅନୁଭବ କରି ମଦନ ମୋହନଙ୍କ ସହ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଠାକୁର ଫେରିବା ବାଟରେ ବାସୁଦେବ ଭୂମିକାରେ କାର୍ଯ୍ୟ ସମ୍ପାଦନ କରୁଥିବା ପୂଜାରୀ ଲକ୍ଷ୍ମଣ ମିଶ୍ରଙ୍କ ଗୃହରେ ପଂକ୍ତିଭୋଜନ କରିଥିଲେ। ରାତିରେ ଠାକୁରଙ୍କ ଏକାଦଶୀ ବେଢା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।



# ଆବାସ ଗୃହ ପାଇଁ ୧.୩୦ ଲକ୍ଷ, ଶୌଚାଳୟ ପାଇଁ ୩.୫୦ ଲକ୍ଷ

ନୂଆଗାଁ,୨୯।୮(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ଗୋଟିଏ ବସଷ୍ଟାଣ୍ଡ ନିର୍ମାଣ ପାଇଁ ୩ ଲକ୍ଷ ୮୦ ହଜାର ଦିଆଯାଉଥିବା ବେଳେ ଶୌଚାଳୟ ନିର୍ମାଣ ପାଇଁ ୩ ଲକ୍ଷ ୫୦ ହଜାର ଓ ଗୋଟିଏ ପରିବାର ରହିବା ନିମନ୍ତେ ଗୃହ ନିର୍ମାଣ କରିବାକୁ ମାତ୍ର ୧ ଲକ୍ଷ ୩୦ ହଜାର ଟଙ୍କା ଅନୁଦାନ ଦିଆଯାଉଛି। ତେବେ ସାଧାରଣ ଶୌଚାଳୟ ନିର୍ମାଣ ପାଇଁ ୩ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ କରାଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରଙ୍କ ଏଭଳି ନୀତିକୁ ନେଇ ସମାଲୋଚନା କରାଯାଇଛି।

**ସରକାରଙ୍କ ଅଜବ ନୀତିକୁ ନେଇ ସମାଲୋଚନା**

ସୂଚନା ଅନୁଯାୟୀ, କଚ୍ଚା ଚାଳ ଛପର ଘରେ ରହୁଥିବା ଗରିବ ଲୋକମାନଙ୍କୁ ପକ୍କାଘର ଖଣ୍ଡିଏ ଯୋଗାଇ ଦେବା ପାଇଁ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧ ଲକ୍ଷ ୩୦ ହଜାର ଟଙ୍କା ଅନୁଦାନ ଦିଆଯାଉଛି। ଉକ୍ତ ଅନୁଦାନରେ ହିତାଧିକାରୀ ପରିବାରର ଆବଶ୍ୟକ ମୁତାବକ ରହିବା ଯୋଗ୍ୟ ଘରଟିଏ ନିର୍ମାଣ କରି ସେଥିରେ କବାଟ ଝରକା ଲଗାଇ ରଙ୍ଗ ଦେବା ପରେ ହିତାଧିକାରୀଙ୍କୁ ସମ୍ପୂର୍ଣ୍ଣ ଅନୁଦାନ ଦିଆଯାଇଥାଏ। କିନ୍ତୁ କବାଟ ଝରକା ନ ଥାଇ , କେବଳ ପିଲର ଉପରେ ଛାତ ପଡି ଗୋଟିଏ ପାର୍ଶ୍ୱରେ ଇଟା କାନ୍ଥ ଦେଇ ଖୋଲା ବସ୍‌ଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ସରକାର ୩ ଲକ୍ଷ ୮୦ ହଜାର ଟଙ୍କା ଅନୁଦାନ ଦେଉଛନ୍ତି। ସେହିପରି ନୂଆଗାଁ ତହସିଲ କାର୍ଯ୍ୟାଳୟ ପରିସରରେ ମାତ୍ର ୩ଟି ପାଇଖାନା ବସାଇ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରିବା ପାଇଁ ବ୍ଲକ ପ୍ରଶାସନ ୩ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରିଥିଲା। କିନ୍ତୁ ସେହି ୩ ଲକ୍ଷ ଟଙ୍କା ବ୍ୟୟରେ ଶୌଚାଳୟଟି ପୂର୍ଣ୍ଣାଙ୍ଗ ନ ହୋଇ ପାରିବାରୁ ପୁନର୍ବାର ୫୦ ହଜାର ଟଙ୍କା ଅନୁଦାନ ଦିଆଯାଇଛି। ସାଧାରଣ ବ୍ୟକ୍ତି ଗୋଟିଏ ଶୌଚାଳୟ ନିର୍ମାଣ କରିବା ପାଇଁ ସରକାର ମାତ୍ର ୧୨ ହଜାର ଟଙ୍କା ଅନୁଦାନ ଦେଉଥିବା ବେଳେ ଏକତ୍ର ୩ଟି ପାଇଖାନା ବସାଇବା ପାଇଁ ୩ ଲକ୍ଷ ଟଙ୍କା ନିଅଣ୍ଟ ପଡିଲା। ଯାହା ଫଳରେ ଶୌଚାଳୟଟି ଦୀର୍ଘ ଦିନ ହେଲା ଅଧପନ୍ତରିଆ ଭାବେ ପଡି ରହିଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ସରକାର ଓ ପ୍ରଶାସନର ଏଭଳି ପଦକ୍ଷେପକୁ ସାଧାରଣରେ ନିନ୍ଦା କରିବା ସହ ବ୍ଲକ ପ୍ରଶାସନର କାର୍ଯ୍ୟ ଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି। ତହସିଲ କାର୍ଯ୍ୟାଳୟରେ ଗୋଷ୍ଠୀ ଶୌଚାଳୟ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଛି। ତେଣୁ ତାହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ନୂଆଗାଁ ବିକାଶ ମଞ୍ଚ ପକ୍ଷରୁ ଦାବି ହେଉଛି। ଏ ବାବଦରେ ନୂଆଗାଁ ବିଡିଓ ବାସୁଦେବ ନାୟକଙ୍କୁ ପଚାରିବାରେ ଏ ସବୁ ଅନୁଦାନ ବ୍ୟବସ୍ଥା ସରକାର କରିଛନ୍ତି। ଆମେ କେବଳ ତଦାରଖ କରୁଛୁ। ଶୌଚାଳୟ ନିର୍ମାଣରେ ଅନିୟମିତତା ଅଭିଯୋଗ ଆସିଲେ ତଦନ୍ତ ହେବ ବୋଲି ବିଡିଓ ନାୟକ କହିଛନ୍ତି।



୩ ଲକ୍ଷ ବ୍ୟୟରେ ଅର୍ଦ୍ଧନିର୍ମିତ ଶୌଚାଳୟ।



୧.୩୦ ଲକ୍ଷରେ ନିର୍ମିତ ଆବାସ ଗୃହ।

# ଶିକ୍ଷୟିତ୍ରୀ,ଶିକ୍ଷକଙ୍କ ପ୍ରୟୋଗ ତାଲିମ ଶିବିର ଉଦ୍‌ଯାପିତ



ତାଲିମ ଶିବିରରେ ଉପସ୍ଥିତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ।

ରଣପୁର,୨୯।୮
(ସୁକାନ୍ତ କିଶୋର ଡାକୁଆ)

ଛାତ୍ରଛାତ୍ରୀମାନଙ୍କ ଶିକ୍ଷାର ଉନ୍ନତି ତଥା ଶିକ୍ଷୟିତ୍ରୀ,ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ପାଇଁ ଶିକ୍ଷା ବିଭାଗ ସବୁବେଳେ ପ୍ରୟାସ କରି ଚାଲିଛି। ଏହି ପରିପ୍ରେକ୍ଷୀରେ ନୟାଗଡ଼ ଜିଲା ରଣପୁର ବ୍ଲକରେ ସୋମବାର ଠାରୁ ଆରମ୍ଭ ହୋଇଥିବା 'ପ୍ରୟୋଗ' ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପିଲାମାନଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଦକ୍ଷତା ବୃଦ୍ଧି କରିବା ଏହି ତାଲିମ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଓ ଲକ୍ଷ୍ୟ। ଏଥିରେ ବିଭିନ୍ନ ଶିକ୍ଷଣ ଫଳାଫଳ, ଶିକ୍ଷାର ଲକ୍ଷ୍ୟ, ଗଣିତ ଶିକ୍ଷାଦାନର ବିଭିନ୍ନ ଉପକରଣ ବ୍ୟବହାର ଆଦି ଉପରେ ତାଲିମ ପ୍ରଦାନ କରାଯାଇଥିଲା। ମଝିଆଖଣ୍ଡ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ତାଲିମ ଶିବିରକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ ଉଦଘାଟନ କରିଥିଲେ। ଏଥିରେ ମାନସ କୁମାର ପଟ୍ଟନାୟକ, ଅଶୋକ ସାମନ୍ତରାୟ, ସୁଶୀଲ କୁମାର ରଣା, ବିଶ୍ୱଭୂଷଣ ବେହେରା, ଦିନବନ୍ଧୁ ଜେନା ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଏହି ଶିବିରରେ ରଣପୁର, ଗୌରାଙ୍ଗପୁର, ଦର୍ପନାରାୟଣପୁର, ଡମସାହି, ନରସିଂହପୁର, କାଣ୍ଡପଡ଼ା କ୍ଲଷ୍ଟରର ପ୍ରାୟ ୬୦ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ତାଲିମ ଶିବିରରେ ଯୋଗ ଦେଇ ତାଲିମ ଗ୍ରହଣ କରିଥିଲେ।

ସେହିଭଳି ଗୋପାଳପୁର ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ତାଲିମ ଶିବିରରେ ପ୍ରଶାନ୍ତ କୁମାର ପ୍ରଧାନ, ସୁଧାକର ମିଶ୍ର, କୈଳାସ ଚନ୍ଦ୍ର ମାଝୀ, ସୁଶାନ୍ତ କୁମାର ପ୍ରଧାନ, ପ୍ରମୋଦ ମଲିକ ତାଲିମ ପ୍ରଦାନ କରିଥିବା ବେଳେ ଚାନ୍ଦପୁର, କେରେଣ୍ଡାଟାଙ୍ଗୀ, ରାଜଜଙ୍କିଆ, ଝାଡ଼ପଡା, ଗୋପାଳପୁର, ମଝିଆଖଣ୍ଡ କ୍ଲଷ୍ଟରର ଶିକ୍ଷୟିତ୍ରୀଶିକ୍ଷକମାନେ ତାଲିମ ଗ୍ରହଣ କରିଥିଲେ। ସେହିଭଳି କୁଳାସର ଜନତା ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ତାଲିମ ଶିବିରରେ ରସାନନ୍ଦ ବେହୁରା, ପବିତ୍ର ମୋହନ ସାମନ୍ତରାୟ, ରାମଚନ୍ଦ୍ର ବେହେରା, ସୁବାସ ମହାପାତ୍ର, ସଞ୍ଜୟ କୁମାର ବରା ପ୍ରମୁଖ ତାଲିମ ପ୍ରଦାନ କରିଥିବା ବେଳେ ରାଜସୁନାଖଳା, କାସନ୍ଦା, କୁଳାସର, ଖଇରପଲୀ, ବ୍ରଜରାଜପୁର, ସରଙ୍ଗାଧରପୁର କ୍ଲଷ୍ଟରର ଶିକ୍ଷୟତ୍ରୀଶିକ୍ଷକମାନେ ତାଲିମ ଗ୍ରହଣ କରିଥିଲେ।

